# ଜଳ ଅପଚୟ ରୋକିବ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା

**ସମ୍ବଲପୁର, ୩।୩(ସମିସ)**

ପ୍ରାକୃତିକ ବିପର୍ଯ୍ୟୟ ଏବେ ମୁଣ୍ଡବ୍ୟଥା ହୋଇଛି। ଭୂତଳ ଜଳସ୍ତର ହ୍ରାସ ପାଇବା ସହିତ ବର୍ଷାରେ ଅନିୟମିତତା ଦେଖାଦେଇଛି। ଚାଷୀ ମରୁଡ଼ିର ଶିକାର ହେଉଛନ୍ତି। ବର୍ଷା ହଠାତ୍ ଅଧିକ ପରିମାଣ ହୋଇ ପ୍ରବାହିତ ହୋଇ ନଷ୍ଟ ହୋଇଯାଉଛି। ଜଳ ଅପଚୟ ହେଉଛି। ତେଣୁକରି ଜଳ ଅପଚୟ ରୋକିବାକୁ ରାଜ୍ୟ ସରକାର ପଦକ୍ଷେପ

## ୩୦କୋଟି ଟଙ୍କାରେ ଚାଲିଛି ୭୧ପ୍ରକଳ୍ପ

ଗ୍ରହଣ କରିଛନ୍ତି। ପରିବେଶବିତ୍ ଓ ବିଶେଷଜ୍ଞଙ୍କ ମତ ନେଇ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା କରିଛନ୍ତି। ନଦୀ ଗୁଡ଼ିକରେ ଆଡ଼ିବନ୍ଧ ନିର୍ମାଣ କରି ଜଳସଂରକ୍ଷଣ କରିବା ଓ ଏହାର ସୁଷମ ବଣ୍ଟନ କରି ଚାଷ ଓ ଅନ୍ୟାନ କାର୍ଯ୍ୟରେ ବ୍ୟବହାର କରିହେବ ସେ ନେଇ ଯୋଜନା କରାଯାଇଛି। ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ବିଭାଗ ଜଳସଂରକ୍ଷଣ ପାଇଁ କାମ କରୁଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ମଧ୍ୟ ଅନେକ ପ୍ରକଳ୍ପ ହାତକୁ ନେଇଛି। ଜିଲ୍ଲାରେ ଏହି ଯୋଜନାରେ ପ୍ରାୟ ୨୫କୋଟି ବ୍ୟୟଅଟକଳରେ ୭୧ଗୋଟି ଚେକ୍‌ଡ୍ୟାମ ନିର୍ମାଣ କରାଯାଉଛି। ଶେଷ ପର୍ଯ୍ୟାୟରେ ଅଧିକାଂଶ ପ୍ରକଳ୍ପ ରହିଥିବା ବେଳେ ଜୁନ୍ ମାସ ୧୫ତାରିଖ ସୁଦ୍ଧା ସମସ୍ତ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛି ବିଭାଗ। ସୂଚନାଯୋଗ୍ୟ, ଅତ୍ୟାଧୁନିକ ପଦ୍ଧତିରେ ଚେକ୍‌ଡ୍ୟାମ ନିର୍ମାଣ କରି ଜଳସଂରକ୍ଷଣ କରିବାର ଯୋଜନା ଆରମ୍ଭ ହୋଇଛି। ସମ୍ବଲପୁର ଜିଲ୍ଲାର ରେଢାଖୋଲ ଓ କୁଚିଣ୍ଡା ଉପଖଣ୍ଡରେ ବିଶେଷ ଭାବେ ଏହି ଯୋଜନରେ ଅଧିକ ପ୍ରକଳ୍ପ ଦିଆଯାଇଛି। ଉକ୍ତ ଅଞ୍ଚଳ ଅଣଜଳସେଚିତ ଓ ପାହାଡ଼ ଘେରରେ ଗ୍ରାମ ଗୁଡ଼ିକ ରହିଛି। ପାହାଡ଼ରୁ ଝରିଆସୁଥିବା ପାଣି, ଚିରସ୍ରୋତା ନଦୀ, ନାଳ ଗୁଡ଼ିକ ରହିଛି। ହେଲେ ବୋହିଯାଉଥିବା ଜଳକୁ ସଂରକ୍ଷଣ କରାଯାଉ ନଥିବାରୁ ନଷ୍ଟ ହୋଇଯାଉଥିଲା। ପ୍ରକଳ୍ପ ଶେଷ ହେବାପରେ ଜଳସଂରକ୍ଷଣ ହେବା ସହ ଲୋକଙ୍କ କାମରେ ଆସିବ। ଏହି ପ୍ରକଳ୍ପ ଗୁଡ଼ିକ ନିର୍ମାଣ କରିବା ପୂର୍ବରୁ ନଦୀ ଓ ନାଳ ଗୁଡ଼ିକର ଉପଯୁକ୍ତ ସ୍ଥାନ ଗୁଡ଼ିକ ଚିହ୍ନଟ କରାଯାଇଥିଲା। ସ୍ଥାନୀୟ ଚାଷୀ ଓ ଜନପ୍ରତିନିଧିଙ୍କ ଦାବି ଅନୁସାରେ ଚେକ୍‌ଡ୍ୟାମ ଗୁଡ଼ିକ ନିର୍ମାଣ କରାଯାଉଛି। ବିଶେଷ ଭାବେ ଚେକ୍‌ଡ୍ୟାମ ନିର୍ମାଣ ହେଲେ ଚାଷୀମାନେ ଉପକୃତ ହୋଇପାରିବେ ସେ ନେଇ ଲକ୍ଷ୍ୟ ରହିଛି। ହଜାର ହଜାର ହେକ୍ଟର ଜମିରେ ଚାଷ ହୋଇପାରିବ। ହଜାର ହଜାର ଚାଷୀ ପରିବାର ଲାଭପାଇବେ। କମ ଜଳ ବ୍ୟବହାର ହେଉଥିବା ଚାଷକୁ ଗୁରୁତ୍ୱ ଦେବାକୁ ଚାଷୀମାନଙ୍କୁ କୁହାଯାଇଛି। ଧାନ ବଦଳରେ



ପନି ପରିବା, ଫୁଲ, ଡାଲି ଜାତୀୟ ଫସଲ, ତୈଳ ଜାତୀୟ ଫସଲ କରିବାକୁ ଗୁରୁତ୍ୱ ଦିଆଯିବ। କାରଣ ଚେକ୍‌ଡ୍ୟାମ ଗୁଡ଼ିକରେ ହୋଇଥିବା ସଂରକ୍ଷିତ ଜଳ ବର୍ଷତମାମ ବ୍ୟବହାର ଉପଯୋଗୀ ହୋଇପାରିବ ସେ ନେଇ ଚେଷ୍ଟା ଓ ଲକ୍ଷ୍ୟ ରହିଛି। ପ୍ରତି ଚେକ୍ ଡ୍ୟାମ ପିଛା ୪୫ଲକ୍ଷରୁ ୬୦ଲକ୍ଷ ପର୍ଯ୍ୟନ୍ତ ବ୍ୟୟ ଅଟକଳ ରହିଛି। ଚେକ୍‌ଡ୍ୟାମରୁ ପିଇବା ପାଣି, ଜଳଯୋଗଣ ସହିତ ଭୂତଳ ଜଜ ସଂରକ୍ଷଣ ଦିଗରେ ଏହା ବିଶେଷ ଭାବେ ସହଯୋଗ କରିବ। ଏପରିକି ଗୃହପାଳିତ ପ୍ରାଣୀମାନେ ବ୍ୟବହାର କରିପାରିବେ। କେତେକ ଚେକ୍‌ଡ୍ୟାମ ଜଙ୍ଗଲ ନିକଟରେ ହେଉଥିବାରୁ ବନ୍ୟପ୍ରାଣୀ ପାଣି ପାଇବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ବିଭିନ୍ନ ଚିରସ୍ରୋତା ନଦୀଗୁଡ଼ିକ ଶୁଖିଲା ଆଉ ରହିବ ନାହିଁ। ନଦୀ ବହାରିବା ସ୍ଥାନରୁ ଶେଷ ହେବା ଭିତରେ ଅନେକ ସ୍ଥାନରେ ଚେକ୍‌ଡ୍ୟାମ ଗୁଡିକ ନିର୍ମାଣ କରାଯାଉଛି। ଏହି ଯୋଜନାକୁ ଚାଷୀମାନେ ବେଶ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ନୂଆ ଡ୍ରେନ୍‌କୁ ଭାଙ୍ଗି ବିଭାଗ ନିରବ



**ରେଙ୍ଗାଲି, ୩।୩(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ସହର ମୁଖ୍ୟ ରାସ୍ତାକଡ଼ରେ ନୂତନ ଭାବରେ ନିର୍ମାଣ ହୋଇଥିବା ଡ୍ରେନ୍‌କୁ ଭାଙ୍ଗିଦେଇ ବିଭାଗ ନିରବ ରହିଛି। ରେଙ୍ଗାଲି ସହର ବସଷ୍ଟାଣ୍ଡରେ ନୂଆ ଭବରେ ଡ୍ରେନ୍ ନିର୍ମାଣ କରାଯାଇଥିଲା। କିନ୍ତୁ ଗତ ୨୭ ତାରିଖ ରାତିରେ ଡ୍ରେନ ଉପର ସ୍ଲାପ ଭାଙ୍ଗି ଦିଆଯାଇଛି। କେଉଁ କାରଣରୁ ଡ୍ରେନ୍‌ର ସ୍ଲାପ୍ ଭଙ୍ଗାଯାଇଛି ତାହା କାହାକୁ ଜଣାନାହିଁ। ଡ୍ରେନ ପାର୍ଶ୍ୱର ଦୋକାନୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦୋକାନକୁ ଆସୁଥିବା ଲୋକେ ରେଙ୍ଗାଲି ଜନସାଧାରଣ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସଷ୍ଟାଣ୍ଡ ଅଞ୍ଚଳ ହେଇଥିବାରୁ ସବୁବେଳେ ଭିଡ଼ ରହିଥାଏ। ଡ୍ରେନ୍‌ଟି ଏବେ ମୁକୁଳା ଥିବାରୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି। ଭାଙ୍ଗିବାର ପାଞ୍ଚଦିନ ହୋଇଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମରାମତି କରାଯାଇ ନାହିଁ। ରେଙ୍ଗାଲି ଏକ ଶିଳ୍ପ ସମୃଦ୍ଧ ଅଞ୍ଚଳ ହୋଇଥିଲେ ମଧ୍ୟ ବିକାଶର ବାଟ ବଣା ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରୁ ବିକାଶର ରାସ୍ତା ଖୋଲିଥାଏ। କିନ୍ତୁ ଦୁଃଖର କଥା ବ୍ଲକ କାର୍ଯ୍ୟାଳୟ ର ରାସ୍ତା ଅତି ଶୋଚନୀୟ ଅବସ୍ଥାରେ ରହିଛି। ବ୍ଲକ କାର୍ଯ୍ୟାଳୟକୁ ପ୍ରତିଦିନ ପ୍ରଶାସନର ଅଧିକାରୀ ମାନେ ଯାଉଛନ୍ତି କିନ୍ତୁ ରାସ୍ତାଟି କାହାରି କୁ ନଜର ଆସୁନି। ଯଥାଶୀଘ୍ର ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଉନ୍ନୟନ କାମ ପାଇଁ ବାଧକ ସାଜିଛି ଗୋଷ୍ଠୀ କନ୍ଦଳ

**ଜମନକିରା, ୩।୩(ସମିସ):** ଜମନକିରା ବ୍ଲକ ଚକୁଲିଆ ବାହାଲ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟିଆମ୍ବ ଗ୍ରାମର ଦେଓଘର ନାଳା ବାଲିଘାଟ ଠାରେ ହେବାକୁ ଥିବା ବ୍ରିଜ ନିର୍ମାଣ ଗ୍ରାମର ଗୋଷ୍ଠୀ କନ୍ଦଳ ଯୋଗୁ ବାଧକ ସାଜିଛି। ସୂଚନାଯୋଗ୍ୟ, ଖୁଣ୍ଟିଆମ୍ବ ଗ୍ରାମର ଦେଓଘର ନାଳା ବାଲିଘାଟ ଠାରେ ରାଜ୍ୟ ସରକାରଙ୍କ ଅନୁଦାନ ପାଣ୍ଠିରୁ ୧୦ଲକ୍ଷ ଟଙ୍କା ବିନିଯୋଗରେ ଏକ ବ୍ରିଜ ନିର୍ମାଣ ପାଇଁ

## ପ୍ରଶାସନ ନିରବଦ୍ରଷ୍ଟା ହୋଇପାରୁନି ଦେଓଘର ନାଳା ବ୍ରିଜ

ଟେଣ୍ଡେର ହୋଇଥିଲା। ଟେଣ୍ଡେର ପ୍ରକ୍ରିୟାରେ ଜମନକିରା ବ୍ଲକ ଅଞ୍ଚଳର ଜଣେ ଠିକାଦାର କାର୍ଯ୍ୟ କରିବା ପାଇଁ ଟେଣ୍ଡେର ପାଇଛନ୍ତି। ହେଲେ ବର୍ତ୍ତମାନ ଠିକାଦାର ବିଗତ ଚାରିମାସ ରୁ ଉକ୍ତ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଗ୍ରାମରେ ଥିବା ୨ଗୋଷ୍ଠୀ ମଧ୍ୟରେ କନ୍ଦଳ ଯୋଗୁଁ ଏହା ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ଗ୍ରାମର ଜେହେରା କୁମୁରା, ପୁରୁଷୋତ୍ତମ ଝାଙ୍କର, ପରମେଶ୍ୱର କୁମୁରା, ଟିକେଶ୍ୱର କୁମୁରା, ସୁଜିତ ପଧାନ, ନରୁତ୍ତମ ବାଘ, ବସନ୍ତ ନାଗ ସହିତ ଗ୍ରାମର ଶତାଧିକ ଗ୍ରାମବାସୀ ଜମନକିରା ବିଡ଼ିଓଙ୍କୁ ଲିଖିତ ଭାବେ ପୋଲ ନିର୍ମାଣ ପାଇଁ ଅନୁରୋଧ କରିଛନ୍ତି। ସେହିପରି ଗ୍ରାମର ୱାର୍ଡ ସଭ୍ୟା ସୁବାସିନୀ ବାଘ ଙ୍କ ଅଧକ୍ଷତାରେ ଆୟୋଜିତ ହୋଇଥିବା ବୈଠକରେ ଗ୍ରାମବାସୀଙ୍କ ସହ ସରପଞ୍ଚ କୁମୁଦିନି ଭୋଇ, ସମିତି ସଭ୍ୟା ରୀନା ଦନସେନା, ଜଙ୍ଗଲ କମିଟି ସଭାପତି, ରାଜସ୍ୱ ବିଭାଗୀୟଅଧିକାରୀ ଓ କାର୍ଯ୍ୟ ପାଇଁ ନିୟୋଜିତ ଥିବା ଠିକାଦାରଙ୍କ ଉପସ୍ଥିତରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ରିଜ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରି ଜମନକିରା ବିଡିଓଙ୍କୁ ଜଣାଇଥିଲେ। ତେବେ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମବାସୀ ପୁନଶ୍ଚ ବଡ଼ରମା ରେଞ୍ଜ ଅଧିକାରୀ ଗିରିଧାରି ପ୍ରଧାନଙ୍କୁ ଏ ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର ଜନସାଧାରଣଙ୍କ ମୌଳିକ ସୁବିଧା ପାଇଁ ଦିନରାତି ପ୍ରୟାସ କରି ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କାର ଅନୁଦାନ ପ୍ରଦାନ କରୁଥିବା ବେଳେ ସାମାନ୍ୟ ସମସ୍ୟା ଯୋଗୁଁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଛି। ହେଲେ ବ୍ଲକ ପ୍ରଶାସନ ପକ୍ଷରୁ ଏହି ଅସୁବିଧାର ସମାଧାନ କରାଯିବା କଥା। ମାତ୍ର ବ୍ଲକ ପ୍ରଶାସନିକ ଅଧିକାରୀମାନେ କାହିଁକି ଏହାର ସମାଧାନ ନିମନ୍ତେ କୌଣସି ପଦକ୍ଷେପ ନେଲେନାହିଁ ତାହା ଚିନ୍ତାର ବିଷୟ। ଏଠାରେ ଆଉ ଏକ କଥା ଉଲେଖ କରିବାକୁ ଚାହେଁ ଯେ ବ୍ଲକ ପ୍ରଶାସନ ତରଫରୁ ଟେଣ୍ଡର କରାଯାଉଥିବା ବେଳେ ଏହାକୁ କାର୍ଯ୍ୟକାରୀ କରିବା ମଧ୍ୟ ତାଙ୍କ ଦାଇତ୍ୱ। ଏଥିପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସାହାସପୁର ସ୍କୁଲ ହୀରକ ଜୟନ୍ତୀ ପ୍ରସ୍ତୁତି




**ମାନେଶ୍ୱର, ୩।୩(ସମିସ):** ମାନେଶ୍ୱର ବ୍ଲକ ସାହାସପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୀରକ ଜୟନ୍ତୀ ପାଳନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ତଥା ସାହାସପୁର ସରପଞ୍ଚ ଦିବାକର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅବସରପ୍ରାପ୍ତ ଶିକ୍ଷକ ତଥା ଗିରି ଗୋବର୍ଦ୍ଧନ ପୂଜା କମିଟି ସଭାପତି ନାମନାରାୟ ନାୟକ, ଲକ୍ଷ୍ମୀ ନାରାୟଣ ଦେହେରୀ, ପାର୍ଥସାରଥୀ ସାହୁ, ଚିତ୍ତରଞ୍ଜନ ବାଗ, ମନୀଷ ଦେହେରୀ, ସୁବାଷ ପାଣ୍ଡେ, ସୁରଞ୍ଜିତ ବଡ଼ପଣ୍ଡା, କୃପା ବାଗ, ପଞ୍ଚାନନ ବେହେରା, ଅବସର ପ୍ରାପ୍ତ ସେନା ଅଧିକାରୀ ରାଧାସ୍ୱାମୀ ପ୍ରଧାନ, ଲଳିତ ମଗର, ସୁରେନ୍ଦ୍ର ମିର୍ଦ୍ଧା, ପତିତପାବନ ଧରେଇ, ଶିକ୍ଷକ ଘନଶ୍ୟାମ ପାଣ୍ଡେ ପ୍ରମୁଖଙ୍କ ସହ ଅନେକ ପୂର୍ବତନ ଛାତ୍ର ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହେବା ସହ ଏହା ତିନିଦିନ ଧରି ଚଳିତବର୍ଷ ଏପ୍ରିଲ ଶେଷ ସପ୍ତାହରେ ପାଳନ ପାଇଁ ନିଷ୍ପତି ନିଆଯାଇଥିଲା। ଆସନ୍ତା ରବିବାର ପରବର୍ତ୍ତୀ ବୈଠକରେ ନିର୍ଦ୍ଧିଷ୍ଟ ତାରିଖ ଘୋଷଣା ପାଇଁ ନିଷ୍ପିତ୍ତି ନିଆଯାଇଛି। ଶେଷରେ ସଦାନନ୍ଦ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

# ମହୁମାଛି ଆକ୍ରମଣରେ ୩ ଆହତ

**ଜମନକିରା, ୩।୩(ସମିସ):** ଜମନକିରା ବ୍ଲକ ସର୍ଡା ପଞ୍ଚାୟତ ଅନ୍ତର୍ଗତ ପଥୁରିଆ ଗ୍ରାମର ପଙ୍କଜନୀ ଝାଙ୍କର (୬୩), ବିନୋଦିନୀ ବେହେରା (୬୫) ଓ ସୁମିତ୍ରା ଖଣ୍ଡା(୩୫) ମହୁମାଛି



ଆକ୍ରମଣରେ ଆହତ ହୋଇଛନ୍ତି। ସେମାନେ ପଥୁରିଆ ପାଖ ଜଙ୍ଗଲକୁ ଛେଳି ଚରେଇବାକୁ ଯାଇଥିବାବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଜମନକିରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ପରେ ବିନୋଦିନି ବେହେରାଙ୍କ ଅବସ୍ଥା ଖରାପ ହେବାରୁ ତାଙ୍କୁ କୁଚିଣ୍ଡା ମେଡିକାଲକୁ ପଠେଇ ଦିଆଯାଇଥିଲା

# ରାଓତିଆ ସମାଜର ଦୁଇଦିନିଆ ମହାସଭା

**ଜମନକିରା, ୩।୩(ସମିସ):** ଜମନକିରା ବ୍ଲକ ବଡ଼ରମା ପଞ୍ଚାୟତ ଅନ୍ତର୍ଗତ ବିଶାଳପାଲି ଗ୍ରାମରେ ରାଓତିଆ ସମାଜ ପକ୍ଷରୁ ଏକ ୨ଦିନିଆ ମହାସଭା ବୈଠକ ହୋଇଯାଇଛି। ବୈଠକର ପ୍ରଥମ ଦିନରେ ସମ୍ବଲପୁର ଜିଲ୍ଲା ଓ ଦେବଗଡ଼ ଜିଲ୍ଲାର ୬୩ ଗୋଟି ଗ୍ରାମର ପ୍ରାୟ ୨୦୦୦ରୁ ଉର୍ଦ୍ଧ ଜନସମାଗମ ହୋଇଥିଲା। ବୈଠକ ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ସହିତ ରାଓତିଆ ସମାଜର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗୀୟ ମୁଦନ ସିଂ ଓ ବକ୍ତର ସିଂଙ୍କ ଫୋଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପନ କରାଯାଇଥିଲା। ବୈଠକରେ ଜିଲ୍ଲା ସଭାପତି ପ୍ରଦୀପ ସିଂ, ଜିଲ୍ଲା ସହ ସଭାପତି ଗୁରୁଚରଣ ସିଂ, ଜିଲ୍ଲା ଉପସଭାପତି ଦଶରଥ ସିଂ, ଜିଲ୍ଲା ସମ୍ପାଦକ ଜୟରାମ ସିଂ ଓ ଦଧିବାମନ ମାଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନିଜ ନିଜ ବକ୍ତବ୍ୟ ରେ ରାଓତିଆ ସମାଜର କଲ୍ୟାଣ ନିମନ୍ତେ ବିଭିନ୍ନ ପ୍ରକାରର ପଦକ୍ଷେପ ନେବା ସହ ରାଓତିଆ ସମାଜକୁ ଓବିସିରୁ ଏସ୍‌ଟି ଜାତିରେ ସାମିଲ କରିବା ପାଇଁ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି କହିଥିଲେ। ରାଓତିଆ ସମାଜ ଏକ ଓବିଶି ଶ୍ରେଣୀ ଭୁକ୍ତ ଜନଜାତି ହୋଇଥିବା ବେଳେ ତାଙ୍କ ରୀତିନୀତି ଓ ପାରମ୍ପରିକ କାର୍ଯ୍ୟକଳାପ ଆଦିବାସୀ ଶ୍ରେଣୀ ଭୁକ୍ତ ହୋଇଥିବା ଯୋଗୁଁ ବୈଠକରେ ରାଓତିଆ ସମାଜର ମହିଳାମାନେ ଓ ଯୁବପୀଢ଼ି ମାନେ କିଭଳି ଉନ୍ନତି ହେବେ ସେ ଦିଗରେ ଆଲୋଚନା ହୋଇଥିଲା। ବୈଠକରେ ସର୍ବସମ୍ମିତି କ୍ରମେ ରାଓତିଆ ସମାଜର କଲ୍ୟାଣ ନିମନ୍ତେ ଏକ ରାଜ୍ୟ ସ୍ତରୀୟ କମିଟି ମଧ୍ୟ ଗଠନ କରଯାଇଛି। ଜଗମୋହନ ସିଂ ସଭା ପରିଚାଳନା କରିଥିଲେ। ବୈଠକ ସମାପ୍ତି ପରେ ରାଓତିଆ ସମାଜର ରୀତି ନୀତି ଅନୁଯାଇ ପାରମ୍ପାରିକ ନୃତ୍ୟ ଓ ଅନ୍ୟ କାର୍ଯ୍ୟକ୍ରମ ହୋଇଥିଲା।






# ରୁକ୍ମଣୀ ଲାଠ୍ ବାଲ୍ ନିକେତନ ଅନ୍ତେବାସିନୀଙ୍କ ବିବାହ

**ସମ୍ବଲପୁର, ୩।୩(ସମିସ):** ସମ୍ବଲପୁର ମାନେଶ୍ୱର ବ୍ଲକ ବରଗାଁ ରୁକ୍ମଣୀ ଲାଠ୍ ବାଲ୍ ନିକେତନ ଅନ୍ତେବାସିନୀ ସନ୍ଧ୍ୟାରାଣୀଙ୍କ ବିବାହ ଉତ୍ସବ ଆଜି ଧୁମଧାମରେ ପାଳନ ହୋଇଛି। ସମ୍ବଲପୁର କୁଞ୍ଜେଲପଡ଼ାର ଶାନ୍ତିମଣି ଓ ନିତ୍ୟାନନ୍ଦ ମହାନ୍ତିଙ୍କ ପୁତ୍ର ରାଜଦୀପ ସନ୍ଧ୍ୟାରାଣୀଙ୍କୁ ବିବାହ କରିଛନ୍ତି। ବରଗାଁର ଲିଲିମା ଓ ହେମନ୍ତ ପ୍ରଧାନ ସନ୍ଧ୍ୟାରାଣୀଙ୍କ





ପିତାମାତା ଭାବେ କନ୍ୟାଦାନ କରିଥିଲେ। ପ୍ରଶାସନ ଓ ସ୍ଥାନୀୟ ଲେକମାନଙ୍କ ସହଯୋଗରେ ବିବାହ ଉତ୍ସବ ହୋଇଥିଲା। ଜିଲ୍ଲା ରେଡକ୍ରସ ସଂପାଦକ ଜୟ ଜଜ ଓ ତାଙ୍କ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିବାହ ପାଇଁ କନ୍ୟାଦାନ ସମୟରେ ନିହାତି ଜରୁରୀ ସମାଗ୍ରୀ ମଧ୍ୟ ଦିଆଯାଇଥିଲା। ଏହି ବିବାହ ଉତ୍ସବରେ ଅଞ୍ଚଳ ତଥା ଜିଲ୍ଲାର ଅନ୍ୟକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବରକନ୍ୟାଙ୍କୁ ଶୁଭାଶୀର୍ବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନର କର୍ମଚାରୀ ତଥା ସଦସ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ତୁଲାଇଥିଲେ। ସୂଚନାଯୋଗ୍ୟ, ସନ୍ଧ୍ୟାରାଣୀ ୫ ବର୍ଷ ହୋଇଥିବା ବେଳେ ବାଲ୍ ନିକେତନକୁ ଆସିଥିଲେ। ଏଠି ତାଙ୍କ ବଢ଼ିବା ଓ ପଢ଼ିବା ହୋଇଥିଲା। ସେ ଭଲ ଛାତ୍ରୀ ଥିଲେ। ଆଇଟିଆଇ ପାସ୍ କରି ଏବେ ଆଦିତ୍ୟ ବିର୍ଲାରେ ଆପେଣ୍ଟିସ ଭାବେ କାମ କରୁଛନ୍ତି। କିଛିଦିନ ପୂର୍ବରୁ ବରପକ୍ଷଙ୍କ ଘରୁ ବିବାହ ପ୍ରସ୍ତାବ ଆସିଥିଲା। ସେମାନେ ବାଲ୍ ନିକେତନ କର୍ମକର୍ତ୍ତାଙ୍କୁ ବିବାହର ପ୍ରସ୍ତାବ ଦେଇଥିଲେ। ବୈଦିକ ରୀତି ଭଳିଆ ପୁଅ ଓ ତାଙ୍କ ପରିବାର ଝିଅ ଦେଖିବାକୁ ଆସିଥିଲେ। ପୁଅଝିଅଙ୍କ ମନ ହେବା ପରେ ପରିବାର ଓ କର୍ମକର୍ତ୍ତା ବିବାହ ପାଇଁ ସ୍ଥିର କରିଥିଲେ। ପୁଅ ରାଜୀବଙ୍କ କୁଞ୍ଜେଲପଡ଼ାରେ ପୂଜା ସାମଗ୍ରୀ ଦୋକାନ ଅଛି। ଭଲ ରୋଜଗାର ମଧ୍ୟ କରୁଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଅଧକ୍ଷ୍ୟ ନଳୀନି ପ୍ରଧାନ, ସଂପାଦକ ସଂଗ୍ରାମ ପ୍ରଧାନ, ଶ୍ରୀକାନ୍ତ ମହାନ୍ତି, ଉତ୍ତମ ପ୍ରଧାନ, ସୁରଞ୍ଜିତ ବଡପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।






# ମଦ ଜବତ, ଦୁଇ ଗିରଫ

**କୁଚିଣ୍ଡା, ୩।୩(ସମିସ):** କୁଚିଣ୍ଡା ଅଞ୍ଚଳରେ ଦିନକୁ ଦିନ ନିଶା କାରବାର ବଢ଼ିବାରେ ଲାଗିଛି। ବିଶେଷକରି ଯୁବପୀଢ଼ି ପଥଭ୍ରଷ୍ଟ ହେଉଛନ୍ତି। ଗତ ଶନିବାର କୁଚିଣ୍ଡା ପୁଲିସ ଚଢ଼ଉ କରି ମନ୍ତ୍ରିମୁଣ୍ଡାର ବସନ୍ତ ବୁଢ଼ା(୪୩)ଙ୍କ ଠାରୁ ୨୧ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଏବଂ ୨୦ଲିଟର ଦେଶୀ ମଦ ପାଉଚ ଜବତ କରିଛି। ସେହିପରି ଖୁଣ୍ଟୁଲା ବାହାଲର ଲିସନ କାଲୋ(୩୮)ଙ୍କ ଠାରୁ ୧୩ଲିଟର ବିଦେଶୀ ଓ ୨୦ଲିଟର ଦେଶୀ ମଦ ଜବତ କରିଛି। ଉଭୟଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ଡୁଙ୍ଗୁରି ବଜାରରେ ଡାକ୍ତର ସମାଜସେବୀଙ୍କ ନିଆରା କାର୍ଯ୍ୟକ୍ରମ

# ଉପାନ୍ତ ଅଞ୍ଚଳର ଗରିବଙ୍କ କଥା ବୁଝିଲେ

**ଅମ୍ବାଭୋନା, ୩।୩(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଉପାନ୍ତ ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହେବା ପାଇଁ ସମାଜସେବୀ ଡାକ୍ତର ରାମକୃଷ୍ଣ ପୁରୋହିତ ରବିବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସେହି ଅଞ୍ଚଳବାସୀଙ୍କ ବିଭିନ୍ନ ସମସ୍ୟାକୁ ପ୍ରତ୍ୟକ୍ଷ ଭାବେ ବୁଝିବା ଏବଂ ଏହାର ସମାଧାନ କରିବା ଦିଗରେ ଡା. ପୁରୋହିତ ଡୁଙ୍ଗୁରି ବଜାର ପ୍ରାଙ୍ଗଣରେ 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଆୟୋଜନ କରାଇଥିଲେ। ଡା. ରାମକୃଷ୍ଣ ପୁରୋହିତ ଲୋକମାନଙ୍କୁ ଭେଟି ଚର୍ଚ୍ଚା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଅର୍ନ୍ନ ଯୋଜନାରେ ଖଟିଖିଆ ଦିନ ମଜୁରିଆ ପରିବାର ଲୋକେ ମାଗଣାରେ ଚାଉଳ ପାଉଥିବାରୁ କେହି ଭୋକିଲା ରହୁ ନ ଥିବା ଲୋକେ ପ୍ରକାଶ କହିଥିଲେ। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚାଲ ଘର ସବୁ ପକ୍କାଘରରେ ରୂପାନ୍ତର ହୋଇଥିବା କହିଥିଲେ। ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ବ୍ୟାଙ୍କରେ ସଂଚୟ କରିବାକୁ ଗ୍ରାହକ ସେବାକେନ୍ଦ୍ର ଜରିଆରେ ବ୍ୟାଙ୍କ ସହ ଯୋଡ଼ି ହେବାର ସୁଯୋଗ ପାଇଥିବା ସେମାନେ ପ୍ରକାଶ କରିଥିଲେ। ସାଧାରଣ ଜନତା ପ୍ରଧାନମନ୍ତ୍ରୀଙ୍କ ସାଧୁ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ।



**ଆର୍ କେବେ ସୁଧିରିମା ?**

# ଟ୍ରାଫିକ୍ ନିୟନ୍ତ୍ରଣ କରୁଛନ୍ତି ଗୋରୁ !

**ବରଗଡ଼, ୩।୩(ସମିସ)**

ପୌର ପ୍ରଶାସନର ନିର୍ଦ୍ଦେଶକୁ କାହାରିର ଖାତିର ନାହିଁ। ରାସ୍ତା ଉପରକୁ ଛାଡ଼ି ଦେଉଛନ୍ତି ଗୋରୁଗାଇ। ସେହିପରି ମାଳମାଳ ବୁଲା ଗୋରୁ। ଏପରି ଦୃଶ୍ୟ

- **ମାଳ ମାଳ ବୁଲାଗୋରୁ**
- **ଦୁର୍ଘଟଣା ନିତିଦିନିଆ**

ଦେଖିବାକୁ ମିଳିଛି ବରଗଡ଼ ସହରର ବିଭିନ୍ନ ରାସ୍ତା ତଥା ଛକମାନଙ୍କରେ। ମାଳ ମାଳ ବୁଲା ଗୋରୁଗାଇଙ୍କ ଯୋଗୁଁ ସହରରେ ଟ୍ରାଫିକ ସମସ୍ୟା ଦ୍ୱିଗୁଣିତ ହେବା ନିତିଦିନ ଛୋଟବଡ ଦୁର୍ଘଟଣା ଘଟିଚାଲିଛି।

ପଶ୍ଚିମଓଡ଼ିଶାର ବ୍ୟବସାୟିକ ସହର ତଥା କେନ୍ଦ୍ରସ୍ଥଳ ବରଗଡ଼। ୧୯ଟି ୱାର୍ଡକୁ ନେଇ ଗଠିତ ବରଗଡ଼ ପୌରାଞ୍ଚଳରେ ଏବେ ବୁଲା ଗାଈଗୋରୁ ତଥା ଷଣ୍ଡଙ୍କୁ ନେଇ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ସହରର ରାଜୀବ ଗାନ୍ଧୀ ଛକ, ମହାତ୍ମା ଗାନ୍ଧୀ ଛକ ହେଉ ଅବା ଏସପି ଅଫିସ ଛକ ଯେଉଁଠାରେ ଦେଖିବ ରାସ୍ତା ଉପରେ ମାଳ ମାଳ ଗୋରୁ ଗାଈ। ରାସ୍ତା ଉପରେ ଶୋଇ ରହି ଏକ ପ୍ରକାର ଅବରୋଧ କରି ରହୁଛନ୍ତି। ବହୁ ସମୟରେ ଷଣ୍ଡ ଲଢ଼େଇ ଏକ ନିତିଦିନିଆ ଘଟଣାରେ ପରିଣତ ହେଉଛି। ଫଳରେ ଜନସାଧାରଣଙ୍କ ଯାତାୟତରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ସମୟରେ





ପୌର ପ୍ରଶାସନ ରାସ୍ତାରେ ଗୋରୁଗାଇ ନ ଛାଡିବାକୁ ମାଇକ ଯୋଗେ ପ୍ରଚାର କରୁଛନ୍ତି। ଯାହାକୁ କି ଗାଈ ମାଲିକମାନଙ୍କ ଖାତିର ନ ଥିବା ପରିଲକ୍ଷିତ ହେଉଛି। ରାସ୍ତା ଉପରେ ଗୋରୁ ଗାଈ ଅବରୋଧ କରି ଶୋଇ ରହିବା ଯୋଗୁଁ ଜନସାଧାରଣ ବିଶେଷକରି ଛାତ୍ରଛାତ୍ରୀଙ୍କ ଯାତାୟାତରେ ନାହିଁ ନ ଥିବା ଅସୁବିଧା ହେଉଛି। ବିଗତ ଦିନରେ ବରଗଡ଼ ପୌର ପରିଷଦ ତରଫରୁ ଏକ କାଂଜି ହାଉସ ମଧ୍ୟ ନିର୍ମାଣ କରାଯାଇଥିବା ବେଳେ ସେଠାରେ ମଧ୍ୟ କାଁ ଭାଁ ବୁଲା ଗାଈଗୋରୁକୁ ରଖାଯାଇଛି। ସହରରେ ଯେଉଁ ତୁଳନାରେ ବୁଲା ଗୋରୁଗାଇ ତଥା ଷଣ୍ଡ ରହିଛନ୍ତି ସେଠାରେ ସେମାନଙ୍କୁ ରଖିବା ଅସମ୍ଭବ। ଏପରିକି ବୁଲା ଷଣ୍ଡଙ୍କ ଦୌରାତ୍ମ୍ୟ ଯୋଗୁଁ ବିଭିନ୍ନ ସମୟରେ ପଥଚାରୀମାନେ ଆହତ ହେଉଥିବା ବେଳେ ଦୀର୍ଘ ସମୟ ଧରି ରାସ୍ତାରେ ଯାତାୟାତ ଠପ ହୋଇପଡୁଛି। ବରଗଡ଼ ସହରର ହାଟପଦାଠାରୁ ଆରମ୍ଭ କରି ଜେଲ ରୋଡ, ଧର୍ମଶାଳା ଛକ, ଉମାଟକିଜ ରାସ୍ତା, ଥାନା ଛକ, ଶକ୍ତିନଗର ଛକ, ଗାନ୍ଧୀ ଛକ, ଏସପି ଅଫିସ ଛକ ପରି ସହରର ଯେଉଁ ରାସ୍ତାରେ ଦେଖି ବୁଲା ଗୋରୁଗାଈ ରାସ୍ତା ଅବରୋଧ କରି ରହୁଛନ୍ତି। ଯଦ୍ୱାରା ଜନସାଧାରଣ ରାତ୍ରି ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବେଳେ ବିଭିନ୍ନ ସମୟରେ ବୁଲା ଗୋରୁ ଗାଈ ମଧ୍ୟ ଦୁର୍ଘଟଣାର ଶିକାର ହେଉଥିବା ମଧ୍ୟ ନଜିର ରହିଛି। ପୌର ପ୍ରଶାସନ ଏ ଦିଗରେ ତୁରନ୍ତ ବ୍ୟବସ୍ଥା କରି ବରଗଡ଼ ସହରକୁ ବୁଲା ଗାଈଗୋରୁ ମୁକ୍ତ କରିବାକୁ ସାଧାରଣରେ ଦାବି ହେଉଛି।

ଅନ୍ୟପକ୍ଷରେ, ଗ୍ରାମାଞ୍ଚଳ ଗୋରୁଗାଇ ମାତ୍ରାଧିକ ଭାବେ ହ୍ରାସ ପାଇ ଚାଲିଥିଲା ବେଳେ ଏହା ବେଆଇନ ଭାବେ ଚାଲାଣ ହେବା ମଧ୍ୟ ସ୍ୱାଭାବିକ ହୋଇ ରହିଛି। ଏହାକୁ ରୋକିବା ତ ଦୂରର କଥା; ସହର ମଧ୍ୟରେ ରହୁଥିବା ତଥାକଥିତ ସଚେତନ ପ୍ରଶାସକ ଏବଂ ଗୋରୁ ମାଲିକମାନେ ଏହାକୁ ନିୟନ୍ତ୍ରଣ କରିବା ଦିଗରେ ସହାୟକ ହେଉ ନଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଯେଉଁଠି ଚାରଣ ଭୂଇଁ ଅଛି ସେଇଠି ଗୋରୁ ନାହାନ୍ତି, ଆଉ ଗହଳି ମଧ୍ୟରେ, ରାସ୍ତାଘାଟରେ ବୁଲା ଗୋରୁଙ୍କ ଏଭଳି ଦୌରାତ୍ମକୁ ମଧ୍ୟ ନିୟନ୍ତ୍ରଣ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ମଧ୍ୟ ପ୍ରସ୍ତୁତ ନାହିଁ। ଏହା ନିରନ୍ତର ଲାଗି ରହିଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରୁ ନାହିଁ। ପ୍ରଶାସନ ଓ ଗୋରୁ ମାଲିକଙ୍କ ମଧ୍ୟରେ ସମନ୍ୱୟ ରହୁନାହିଁ। କେହି ନିୟମକୁ ମାନିବା ପାଇଁ ପ୍ରସ୍ତୁତ ନାହାନ୍ତି। ଏହି ସ୍ଥିତିରେ ଜନସାଧାରଣ ବାଟ ହୁଡ଼ିବେ ନା ଗୋରୁ, ତାହା ବଡ଼ ପ୍ରଶ୍ନ ଉଠିଛି।

## ଜିଲ୍ଲାସ୍ତରୀୟ ପୋଲିଓ ନିରାକରଣ ଅଭିଯାନ ଶୁଭାରମ୍ଭ

# ୧, ୧୩, ୯୨୨ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଲକ୍ଷ୍ୟ

**ବରଗଡ଼, ୩।୩(ସମିସ):** ବରଗଡ଼ରେ ରବିବାର ଜିଲ୍ଲାସ୍ତରୀୟ ପୋଲିଓ ନିରାକରଣ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ସରକାରୀ ବସଷ୍ଟାଣ୍ଡରେ ସିଡିଏମଓ ଡା. ନିରୁପମା ଷଡଙ୍ଗୀ ଏହାର ଶୁଭାରମ୍ଭ କରିଥିଲେ। ଏ ଅବସରରେ ବସରେ ଯାତ୍ରା କରୁଥିବା ଛୋଟ ଛୋଟ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯାଇଥିଲା। ସିଡିଏମଓ ଡା. ଷଡଙ୍ଗୀ ଜିଲ୍ଲାର ବିଭିନ୍ନ ଅଞ୍ଚଳର ପୋଲିଓ ବୁଥ ପରିଦର୍ଶନ କରି ପୋଲିଓ ନିରାକରଣ ଅଭିଯାନର ତଦାରଖ କରିଥିଲେ। ଏ ଅବସରରେ ଡିପିଏମ ଗିରିଜା ପ୍ରସାଦ ମିଶ୍ର, ଡିଭିଏଲଏମ ବିଧୁଭୂଷଣ ମିଶ୍ର ସାମିଲ ହୋଇଥିଲେ। ସୂଚନାଯୋଗ୍ୟ ଯେ ବରଗଡ଼ ଜିଲ୍ଲାରେ ୫ ବର୍ଷରୁ କମ ୧, ୧୩, ୯୨୨ ଜଣ ଶିଶୁଙ୍କୁ ପୋଲିଓ ବୁନ୍ଦା ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରବିବାର ୬୭୦ଟି ପୋଲିଓ ବୁଥରେ ୧୩୦ ଜଣ ସୁପରଭାଇଜରଙ୍କ ତତ୍ୱାବଧାନରେ ୧୩୪୦ ଜଣ ଆଶାକର୍ମୀ ତଥା ସହାୟିକା ଏହି କାର୍ଯ୍ୟକ୍ରମରେ ନିୟୋଜିତ ଅଛନ୍ତି। ସେହିପରି ବରଗଡ଼ ଜିଲ୍ଲା ପାଇଁ ୧, ୪୨, ୦୦୦ ଭେକସିନ ଆସିଥିବା ସୂଚନା ଦିଆଯାଇଥିବା ବେଳେ ପୋଲିଓ ନିରାକରଣ କାର୍ଯ୍ୟକ୍ରମରେ ଯେପରି କୌଣସି ଶିଶୁ ବଞ୍ଚିତ ନ ହେବେ ସେଥିପ୍ରତି ବିଶେଷ ଧ୍ୟାନ ଦିଆଯାଇଛି।



# ମାଁ ସମଲେଇଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ

**ବରଗଡ଼, ୩।୩(ସମିସ):** ରବିବାର ଫାଲଗୁନ କୃଷ୍ଣପକ୍ଷ ସପ୍ତମୀ ତିଥି ଅବସରରେ ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ଭବ୍ୟ ମନ୍ଦିର ପ୍ରତିଷ୍ଠାର ଷଷ୍ଠ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିପାଇଁ ମନ୍ଦିରକୁ ବିଭିନ୍ନ ପ୍ରକାର ଫୁଲମାଳାରେ ସଜ୍ଜିତ କରାଯାଇଥିଲା। ରବିବାର ସକାଳୁ ମଙ୍ଗଳଆରତୀ ପରେ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ମହାସିଂହ ପୂଜନ, କାଳରାତ୍ରି ପୂଜନ ସହ ମାଁଙ୍କର ମହାସ୍ନାନ ପୂର୍ବକ ଷୋଡଶ ଉପଚାର ପୂଜା କରାଯାଇଥିଲା। ପରେ ସମସ୍ତ ଜଗତର କଲ୍ୟାଣ ନିମିତ ମାଁଙ୍କର ସପ୍ତସତୀ ଚଣ୍ଡୀ ହବନ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଚୂଡ଼ାମଣୀ ରଥ, ପଣ୍ଡିତ ବିଘ୍ନରାଜ ଦାଶ, ପଣ୍ଡିତ ସୁଧାଂଶୁ ଶେଖର ଦାଶ, ପଣ୍ଡିତ ବିଷ୍ଣୁଦୟାଲ ଦାଶ, ମନ୍ଦିରର ପୂଜକ ରତ୍ନାକର ଝାଙ୍କର, କ୍ଷୀରୋଦ୍ର ଝାଙ୍କର, ରାମୁ ଦେଓସରିଆ, ଭରତ ଅଗ୍ରୱାଲଙ୍କ ସମେତ ଭକ୍ତ ଗଣ ଚଣ୍ଡୀହବନରେ ଆହୂତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଭକ୍ତ ଯୋଗଦାନ କରି ମାଁ ସମଲେଇଙ୍କ ଦର୍ଶନ ସହ ଆଶିଷ ଲାଭ କରିଥିଲେ। ଏ ଅବସରରେ ମନ୍ଦିର କମିଟି ତରଫରୁ ପ୍ରସାଦ ବଣ୍ଟନ କରାଯାଇଥିଲା। ସୂଚନାଯୋଗ୍ୟ ଯେ ୨୦୧୮ ଫାଲଗୁନ କୃଷ୍ଣପକ୍ଷରେ ନୂତନ ଭାବରେ ନିର୍ମାଣ କରାଯାଇଥିବା ମାଁ ସମଲେଇଙ୍କ ଭବ୍ୟ ମନ୍ଦିରର ପ୍ରତିଷ୍ଠା ଉତ୍ସବ ୬ ଦିନ ଧରି ଅନୁଷ୍ଠିତ ହୋଇଥିଲା। ଯାହାକି ଷଷ୍ଠ ବର୍ଷ ପୂରଣ କରିଥିବା ବେଳେ ଏ ଅବସରରେ ବାର୍ଷିକ ପୂଜନୋତ୍ସବ ଅନୁଷ୍ଠିତ ହେବ ବୋଲି ଲଗ୍ନ ସ୍ଥିରୀକୃତ ହୋଇଥିଲା। ମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସମେତ ମାଁଙ୍କ ଭକ୍ତଗଣ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





# ଭାରତ ଭ୍ରମଣରେ ମିଜୋରାମ ଯୁବ ସମାଜକର୍ମୀ

**ବରପାଲି,୩।୩ (ସମିସ):** ବରପାଲି ଶାଖା ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମିଳନୀ ପକ୍ଷରୁ ମିଜୋରାମରୁ ବାହାରିଥିବା ଯୁବ ସମାଜକର୍ମୀଙ୍କୁ ସ୍ୱାଗତ କରାଯାଇଥିଲା। ସମାଜକର୍ମୀ ଏଲଜେଟଙ୍କୁ ରାଏପୁର ଅଭିମୁଖେ ଯାଉଥିଲା ବେଳେ ଗତ ଜାନୁୟାରୀ ୨୫ ତାରିଖ ମିଜୋରାମ ରାଜଧାନୀ ଏଜେଲ ସହରରୁ ସାଇକଲ ଯୋଗେ ଭାରତ ପରିଭ୍ରମଣରେ ବାହାରିଛନ୍ତି। ୨୬ ବର୍ଷିୟ ଏଲଜେଟ ପରିବେଶ ସୁରକ୍ଷା ଦିଗରେ ମୁକ୍ତବାୟୁ ମିଶନ ମାଧ୍ୟମରେ ସ୍ୱଚ୍ଛତା ଓ ସବୁଜିମା ଜନ ସଚେତନତା ସୃଷ୍ଟି ପାଇଁ ପାଦ କାଢିଛନ୍ତି। ମିଶନଟି ପାଞ୍ଚ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହ ମଣିପୁର ରାଜଧାନୀ ଇମ୍ଫାଲ ସହରରେ ଉଦଯାପନୀ କରିବେ ବୋଲି ଚିନ୍ତା ରଖିଥିବା ଜଣାଇଥିଲେ। ମାରୱାଡୀ ସମ୍ମିଳନୀ ସଭାପତି ପ୍ରଦୀପ ଅଗ୍ରୱାଲାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ସାଧାରଣ ସମ୍ପାଦକ ଚନ୍ଦନ ଅଗ୍ରୱାଲା ସ୍ୱାଗତ ଜଣାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ସୁରେଶ ଅଗ୍ରୱାଲା ଓ ବିନୋଦ ଅଗ୍ରୱାଲା ଅତିଥିଙ୍କୁ ଅଭ୍ୟର୍ଥନା ଜଣାଇଥିଲେ। ଆଲୋଚନାରେ ହରିଶ ଅଗ୍ରୱାଲା,ଅନିଲ ଅଗ୍ରୱାଲା ଭାଗ ନେଇଥିଲେ।



# ଚୋରି ହେଉଛି ଜଳସେଚନ ପ୍ରକଳ୍ପ ନିର୍ମାଣ ସାମଗ୍ରୀ

**ସୋହେଲା, ୩।୩(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ବରଗଡ଼ ଜିଲ୍ଲାର ବହୁ ପ୍ରତୀକ୍ଷିତ ଗଙ୍ଗାଧର ମେହେର ବୃହତ ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ ହୋଇ ନଥିବା ଏବଂ ଚାଷ ଜମିରେ ପାଣି ପହଞ୍ଚି ନଥିବା ବେଳେ କିଛି ଅସାମାଜିକ ଲୋକ ଏହି ପ୍ରକଳ୍ପ ନିର୍ମାଣରେ ବ୍ୟବହୃତ ସାମଗ୍ରୀ ଚୋରି କରିବା ଆରମ୍ଭ କଲେଣି। ସୋହେଲା ବ୍ଲକ କନାପାଲି ନିକଟରେ ରହିଥିବା ଏହି ପ୍ରକଳ୍ପର ପମ୍ପ ହାଉସରୁ ପାଇପ ଯୋଗେ ସୋହେଲା, ବିଜେପୁର ଅଞ୍ଚଳର ଚାଷଜମିକୁ ପାଣି ଯୋଗାଣ ପାଇଁ ବର୍ତମାନ ପାଇପ ବିଛା କାର୍ଯ୍ୟ ଚାଲିଛି। ଏହି କ୍ରମରେ ସୋହେଲା ବ୍ଲକ ବାଉଁସେନମୁରା ଗ୍ରାମରେ ଚାଷ ଜମିରେ ବିଛା ହୋଇଥିବା ପାଇପ ଏବଂ ତାର କିଛି ମୂଲ୍ୟବାନ ସାମଗ୍ରୀକୁ ବିଜେପୁର ଥାନା ତାଲପଦର ଗ୍ରାମର ପୂର୍ଣଚନ୍ଦ୍ର ପଧାନ ଚୋରି କରୁଥିବା ସମୟରେ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଥିବା ଜଣାପଡ଼ିଛି। ଉକ୍ତ ଚୋରକୁ ଗ୍ରାମବାସୀ ଧରି ସୋହେଲା ପୁଲିସରେ ଜିମା ଦେଇଥିଲେ। ପରେ ଏହି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ସମ୍ପାଦନ କରୁଥିବା ହାଇଦ୍ରାବାଦ ମେଘା ଇଂଜିନିଅରିଙ୍ଗ ଏବଂ ଇନ୍‌ଫ୍ରାଷ୍ଟ୍ରକଚର କଂପାନୀର ଅଧିକାରୀ ଅରୁଣ ଚତୁର୍ବେଦୀ ସୋହେଲା ଥାନାକୁ ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ସୋହେଲା ପୁଲିସ ମାମଲା ରୁଜୁକରି ତାଲପଦର ଗ୍ରାମର ଅଭିଯୁକ୍ତ ପୂର୍ଣଚନ୍ଦ୍ର ପଧାନକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ଭଏସ୍ ଅଫ ମିଡିଆର ବରଗଡ଼ ଶାଖା ଗଠିତ

**ବରଗଡ଼,୩।୩ (ସମିସ):** ଭଏସ ଅଫ ମିଡିଆ ଓଡ଼ିଶାର ଗାନ୍ଧୀ ଭବନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ବରଗଡ ଶାଖା ଗଠିତ ହୋଇଯାଇଛି। ରାଜ୍ୟ ଉପସଭାପତି ଆଶୁତୋଷ ରଥଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଡାକ୍ତର ଶଙ୍କର ରାମଚନ୍ଦାନୀ, ମୁଖ୍ୟବକ୍ତା ଭାବେ ସମ୍ବିତ ଆଚାର୍ଯ୍ୟ, ସମ୍ମାନିତ ଅତିଥି ପ୍ରଭାତ ମିଶ୍ର, ନିଧୁବନ ବିହାରୀ ପ୍ରସାଦ ପଣ୍ଡା, ବିମଳ କିଶୋର ଦାଶ ଯୋଗ ଦେଇଥିଲେ। ଏହି ଅବସରରେ ବରଗଡ଼ ଜିଲ୍ଲା ସଂଗଠନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏହି ଅବସରରେ ସଞ୍ଜୟ ବର୍ମାଙ୍କୁ ଶିକ୍ଷା ଗୌରବ ସମ୍ମାନ, ପଙ୍କଜିନୀ ନାଗଙ୍କୁ ସେବାରତ୍ନ ସମ୍ମାନ, ସୁରେନ୍ଦ୍ର ତାଣ୍ଡିଙ୍କୁ ମାଟିର ଗୌରବ ସମ୍ମାନ, ସରୋଜ କୁମାର ଷଡ଼ଙ୍ଗୀଙ୍କୁ ସାମ୍ବାଦିକ ସେବା ସମ୍ମାନ, ସଂଚାର କଳାକାର ଚକ୍ରପାଣି ସେଠଙ୍କୁ କଳାଗୌରବ ସମ୍ମାନ, ସୂର୍ଯ୍ୟକୁମାର ଦାଶଙ୍କୁ ମାଟିର ଗୌରବ ସମ୍ମାନ, ସ୍ୱାଧୀନ କୁମାର ପାତ୍ରଙ୍କୁ ମାଟିର ଗୌରବ ସମ୍ମାନ, ଶଙ୍କର୍ଷଣ ପ୍ରଧାନଙ୍କୁ ଜ୍ୟୋତିଷ ରତ୍ନ ସମ୍ମାନ, ବରୁଣ ଚକ୍ରବର୍ତ୍ତୀଙ୍କୁ ବେଷ୍ଟ ଡିଜାଇନର ସମ୍ମାନ, ସୁମନ୍ତ ଆଚାର୍ଯ୍ୟଙ୍କୁ ଶିକ୍ଷାସେବା ସମ୍ମାନ, ମହେଶ ପ୍ରସାଦ ଶତପଥୀଙ୍କୁ ଶିକ୍ଷା ସେବା ସମ୍ମାନ ଏବଂ ସମାଜସେବୀ ସଂଘମିତ୍ରା ପଟେଲଙ୍କୁ ସମାଜସେବା ସମ୍ମାନ, ଅଭିଭାବକ ସଂଘ ଏବଂ ବରଗଡ ମୋଟର ଚାଳକ ସଂଘକୁ ସମାଜ ସେବା କ୍ଷେତ୍ରରେ ସମ୍ମାନିତ କରାଯାଇଛି। ସୌଭାଗ୍ୟଲକ୍ଷ୍ମୀ ଦାଶ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। ମହେଶ ଶତପଥୀ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ମୋତିଲାଲ ବାଗ ଧନ୍ୟବାଦ ଜ୍ଞାପନ କରିଥିଲେ।



# ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ବସ୍ତି ପରିକ୍ରମା କାର୍ଯ୍ୟକ୍ରମ

**ବରଗଡ଼, ୩।୩(ସମିସ):** ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ଆନୁକୂଲ୍ୟରେ ବସ୍ତି ପରିକ୍ରମା ଅବସରରେ ବରଗଡ଼ ସାର କାରଖାନା ସନ୍ନିକଟସ୍ଥ ନଦୀ ପଡ଼ାରେ ରବିବାର ପିଲାଙ୍କ ପାଖରେ ପାଠାଗାର ଓ ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଠାଗାରର ସମ୍ପାଦକ ଡ. ରବିନାରାୟଣ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ରେଣୁ ଦାସ ଶର୍ମା, ମୀନା ପଣ୍ଡା, ଆଲୋକ ରଞ୍ଜନ ଦାଶ, ସାମାଜିକ କର୍ମୀ ବାସୁମତି ବନଛୋର, ରାଜକୁମାର ବନଛୋର, ଶିକ୍ଷାବିଦ ସତ୍ୟେନ୍ଦ୍ରିୟ ଦେବତା, ସଂଘମିତ୍ରା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଅର୍ଜୁନ ସେଟ୍ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ସାହିତ ହୋଇ ନାଚ ଗୀତ ସହ ପାଠ ପଢ଼ିଥିଲେ। ଆସ ଆମେ ପଢ଼ିବା କାର୍ଯ୍ୟକ୍ରମର ସଂଯୋଜକ ଗୋପବନ୍ଧୁ ପୁରୋହିତ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅବୈତନିକ ଶିକ୍ଷାଦାନ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଶିବିରରେ ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।




**କ୍ରିକେଟ୍ କ୍ଲବ୍‌ର ପ୍ରଶଂସନୀୟ ଉଦ୍ୟମ**

# ସରେଇକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସହାୟତା

**ପଦ୍ମପୁର, ୩।୩ (ସମିସ)**

ପଦ୍ମପୁର ଉପଖଣ୍ଡ ସରେଇକେଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବେଞ୍ଚ ଡେସ୍କ ପାଇଁ ଜୟ ମାଁ ପୁଟ୍ରୀ କ୍ରିକେଟ କ୍ଲବ ଗ୍ରାମବାସୀଙ୍କ ମାଧ୍ୟମରେ ବିଦ୍ୟାଳୟର 'ମୋ ସ୍କୁଲ ଅଭିଯାନ'କୁ ୧୦୦୦୦ଟଙ୍କା ଦାନ କରିଛନ୍ତି। ଏହି ସମୟରେ କ୍ଲବ୍‌ର କ୍ୟାପଟେନ ହିତେଶ ପ୍ରଧାନ, ରାକେଶ ବରିହା, ଓମ ବିଶ୍ୱାଳ, ଆଶିଷ ଖରସେଲ, ଶ୍ରୀତମ ନାଏକ, ହରେଶ କଶ୍ୟପ, ଗଜିନ୍ଦ୍ର ପଟେଲ, ଅଙ୍କିତ ପ୍ରଧାନ, ସମୀର ନାଏକ, ସୁଦାମ ନାଏକ ଉପସ୍ଥିତ ଥିବା ବେଳେ ଗ୍ରାମବାସୀଙ୍କ ତରଫରୁ ଶିକ୍ଷକ ବିନୋଦ ବିହାରୀ ସାହୁ, ପୂର୍ଣ୍ଣ ନେଗୀ, ନିରାକାର ପ୍ରଧାନ, ବିଦ୍ୟାଳୟର ମୋ ସ୍କୁଲ ଅଭିଯାନ ସଭାପତି କୁଳମଣି ବାରିକ, ବିଦ୍ୟାଳୟ ଆଲୁମିନି ସଦସ୍ୟ ପବିତ୍ର ସାହୁ, ଦେବାଶିଷ ସାହୁ, ଆୟୁଷ୍ମାନ ବାରିକ, ବସନ୍ତ ପ୍ରଧାନ, ନରସିଂହ ପ୍ରଧାନ ଉପସ୍ଥିତ ଥିଲେ। କ୍ରିକେଟ କ୍ଲବର ଶିକ୍ଷାର ଉନ୍ନତି ପାଇଁ ଏହି ବଦାନ୍ୟତା ପରବର୍ତ୍ତୀ ପିଢ଼ିକୁ ନିଶ୍ଚିତ ଅନୁପ୍ରାଣିତ କରିବ ବୋଲି ଗ୍ରାମବାସୀ କହିଛନ୍ତି। ଜିତିଥିବା ଅର୍ଥରାଶିକୁ ଭୋଜିଭାତରେ ଖର୍ଚ୍ଚ ନ କରି ଆଗାମୀ ପିଢ଼ିର ଭବିଷ୍ୟତ ତଥା ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ଼ କରିବାରେ ସହଯୋଗ କରିଛନ୍ତି। ଅନ୍ୟ ପୁରାତନ ଛାତ୍ରମାନେ ମଧ୍ୟ ଅନୁପ୍ରାଣିତ ହୋଇ ସହଯୋଗ ରାଶି ପ୍ରଦାନ କରି ମୋଟ ୩୫ ହଜାର ଟଙ୍କା ସଂଗୃହୀତ ହୋଇଥିବା ସୂଚନା ରହିଛି। ସୂଚନା ଅନୁସାରେ, ଏହି ପ୍ରଦତ୍ତ ରାଶିର ସରକାରଙ୍କ ଦ୍ୱାରା ସମଦ୍ୱିଗୁଣିତ ଅନୁଦାନ ମିଳିବା ପରେ ଯଥାଶିଘ୍ର ଛାତ୍ରଛାତ୍ରୀଙ୍କ ପାଇଁ ଆବଶ୍ୟକ ବେଞ୍ଚ ଡେସ୍କ କିଣାଯାଇପାରିବ। ଆଗାମୀ ମହା ଶିବରାତ୍ର ଦିନ ଗ୍ରାମବାସୀ ତରଫରୁ କ୍ରିକେଟ କ୍ଲବକୁ ସମ୍ବର୍ଦ୍ଧିତ କରାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।



# କୁଲ୍‌ତାଟିକ୍ରାରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

**ବରଗଡ଼, ୩।୩(ସମିସ):** ବରଗଡ଼ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ, କୁଲିତାଟିକ୍ରା ମାର୍କେଟିଂ ଗୃପ ଏବଂ ନେହେରୁ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ କୁଲିତାଟୁକୁରା ଗ୍ରାମ୍ୟଖଳାଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ ଡି ମୁରଲୀ କ୍ରିଷ୍ଣା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଶିଶୁ ରୋଗ ସର୍ଜରୀ ଡାକ୍ତର ପ୍ରଣୟ ପାଣିଗ୍ରାହୀ, ମେଡିସିନ ଡାକ୍ତର ତପନ ସିଂ, ଅସ୍ଥିଶଲ୍ୟ ଡାକ୍ତର ଅଶୋକ ପାଲ, ଦନ୍ତରୋଗ ଡାକ୍ତର ମୀରା ଦାଶ ମୋଟ ୪୭୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଫାଉଣ୍ଡେସନ ତରଫରୁ ମାଗଣା ଔଷଧ ବଣ୍ଟନ କରାଯାଇଥିବା ବେଳେ ମାର୍କେଟିଂ ଗୃପ ଏବଂ ନେହେରୁ ଯୁବକ ସଂଘର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।



■ ପରିତ୍ୟକ୍ତ ଘର ଭାଙ୍ଗୁଥିବା ବେଳେ ଭୁଶୁଡ଼ି ପଡ଼ି ଜଣେ ମୃତ

# ୩ ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର

ବୁର୍ଲା, ୩।୩(ସମିସ)

ରେଳ ଷ୍ଟେସନରେ ଥିବା ପରିତ୍ୟକ୍ତ ଘର ଭାଙ୍ଗୁଥିବାବେଳେ ଅଘଟଣ। ଘରର ଛାତ ଓ କାନ୍ଥରେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଅଭିଯୋଗ। କାନ୍ଥରେ ଚାପି ହୋଇ ଅନ୍ୟ ୩ଜଣ ଶ୍ରମିକ ଆହତ ହୋଇଛନ୍ତ। ଏକ ଠିକାଦାର ଶ୍ରମିକ ଆଣି ଏହି କାର୍ଯ୍ୟ କରାଉଥିବାବେଳେ ସୁରକ୍ଷା ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିନଥିବା ଯୋଗୁଁ ଏହି ଅଘଟଣ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୂଚନା ଅନୁସାରେ ବୁର୍ଲା ଥାନା ଗୋଶାଳା ଫାଣ୍ଡି ଅନ୍ତର୍ଗତ ଗୋଡଭଗା ରେଲୱେ ଷ୍ଟେସନ ନିକଟରେ ଥିବା ଲେବେଲ କ୍ରସିଂ କେବିନ୍ କୁ ଭୁବନେଶ୍ୱର ର ଏକ ଠିକା ସଂସ୍ଥା ପାଞ୍ଚ ଜଣ ଶ୍ରମିକଙ୍କୁ ନେଇ ଭାଙ୍ଗିବା କାର୍ଯ୍ୟ କରୁଥିଲେ। ତେବେ ଅପରାହ୍ନ ୧.୩୦ ଘଣ୍ଟା ସମୟରେ ହଠାତ ଛାତ ଭୁଷୁଡି ଯିବାରୁ ଭକ୍ଷଙ୍ଗୁଥିବକ୍ଷ ଘରଭିତରେ ଶ୍ରମିକମାନେ ଚାପିହୋଇ ଫସି ରହିଥିଲେ। ଘଟଣା ସମ୍ପର୍କରେ ପୋଲିସ ଖବର ପାଇ ଘଟଣାସ୍ଥଳକୁ ପହଞ୍ଚିଥିଲେ। ପ୍ରଥମେ ପୋଲିସ ଆସିବା ପରେ ବୁର୍ଲା ଦମକଳ ବାହାନି ଏବଂ ଅତାବିରା





ଦମକଳ ବାହିନୀ ଘଟଣସ୍ଥଳରେ ପହଞ୍ଚି ଚାପି ହୋଇରହିଥିବା ଶ୍ରମିକ ମାନଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ୩ ଜଣଙ୍କୁ ଗୁରୁତର ଆହତ ଅବସ୍ଥାରେ ଉଦ୍ଧାର କରି ବୁର୍ଲା ମେଡିକାଲ କୁ ସ୍ଥାନାନ୍ତର କରିଥିଲା ପୋଲିସ। ଏହି ଘଟଣାରେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଆହତ ମାନେ ହେଲେ ବିହାର ନିବାସୀ ଏମଡି ଅଲ୍ଲୀ (୩୫), କଟକର ରାଜେନ୍ଦ୍ର ବେହେରା(୨୫), ପଶ୍ଚିମ ବଙ୍ଗର ଇମତିଆଜ ମଲ୍ଲିକ(୨୯), ଏବଂ ବିହାର ବାସିନ୍ଦା ଏମଡି ଗୁଲଶିଖର (୩୦)। ମୃତକ ଉତ୍ତମ ସିଂ(୩୦) ବୋଲି ପୋଲିସ ସୂତ୍ରରୁ ପ୍ରକାଶ। ପୋଲିସ ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ମେଡିକାଲ କୁ ପଠାଇଥିବା ବେଳେ ଘଟଣାରେ ଅଧିକ ତଦନ୍ତ ଜାରି ରଖିଛି। ହେଲେ ଏହି ଘଟଣାରେ ସମ୍ପୃକ୍ତ ଠିକାଦାର ଶ୍ରମିକଙ୍କୁ ଅସୁରକ୍ଷିତ ଭାବେ ନିୟୋଜିତ କରିଥିବା ଜଣାପଡ଼ିଛି। ଘର ଭାଙ୍ଗିବା ପାଇଁ ବ୍ୟବହୃତ ବଡ ମେନିସ ବଦଳରେ ହାତ ଚାଳିତ ଯନ୍ତ୍ର ପ୍ରଦାନ କରିଥିବା ସହ ସୁରକ୍ଷା ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିନଥିଲା। ଫଳରେ ଠିକାଦାରଙ୍କ ଭୁଲ ପାଇଁ ଜଣେ ଶ୍ରମିକଙ୍କ ଜୀବନ ଯାଇଥିବାବେଳେ ଠିକାଦାର ପ୍ରତି ସ୍ଥାନୀୟ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି।

# ଢ଼ାବାକୁ ଚାଲାଣ ବେଳେ ମଦ ଜବତ, ୩ ଗିରଫ

## ଜଣେ ଦୋକାନୀ ଧରାଇଲା ଅନ୍ୟ ଦୋକାନୀଙ୍କ ମଦ

**ସମ୍ବଲପୁର, ୩।୩(ସମିସ):** କ୍ଷେତରାଜପୁର ଥାନା ଲକ୍ଷ୍ମୀଡୁଙ୍ଗୁରି ନିକଟସ୍ଥ ଢାବାଗୁଡିକରେ ବିଦେଶୀ ମଦ ଭ୍ୟାନରେ ଚାଲାଣ ହେଉଥିବା ସମୟରେ ପୁଲିସ ଚଢାଉ କରିଥିଲା। ୩୭୬ ଲିଟର ବିଭିନ୍ନ କିସମର ବିଦେଶୀ ମଦ ଜବତ କରିଛି। ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ସେମାନେ ହେଲେ ସୁଜିତ ଦନ୍ତା, କରନ ତାଣ୍ଡି, ବାବୁଲୁ କୁମାର। ଘଟଣାରେ ବ୍ୟବହୃତ ଗାଡି ନମ୍ବର ଓଆର-୧୭-ଏଚ-୮୮୬୬ ଜବତ କରିଛି। ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ ମଧ୍ୟ କରିଥିବା ପୁଲିସ କହିଛି। ହେଲେ ଏହି ମଦ କେଉଁଠାରୁ ଆସୁଥିଲା। କେଉଁ ବିଦେଶୀ ମଦ ଦୋକାନୀ ଢାବାକୁ ଚାଲାଣ କରିଥିଲେ। ଜବତ ହୋଇଥିବା ମଦ ନକଲି କି ଅସଲି ଏବେ ସାଧାରଣରେ ପ୍ରଶ୍ନ ଉଠୁଛି। ଅନ୍ୟପଟେ ଏହି ମଦ ଧରାଇବାରେ ଦୁଇ ବିଦେଶୀ ମଦ ଦୋକାନୀଙ୍କ ମଧ୍ୟରେ ବିବାଦ ହେବା ଫଳରେ ପୁଲିସ ଧରିବାରେ ସଫଳ ହୋଇଛି ବୋଲି ଆଲୋଚନା ହେଉଛି। ଦେଖିବାକୁ ଗଲେ ଜାତୀୟ ରାଜପଥ ଢାବା, ହୋଟେଲ ଗୁଡିକରେ ବିଦେଶୀ ମଦ ଅବାଧରେ ବିକ୍ରି ହେଉଛି। ଏହା ସ୍ଥାନୀୟ ଥାନା ଜାଣତରେ ହୋଇଥାଏ। ଏଥିରେ ପୁଲିସ ବାବୁଙ୍କ ମାସିକିଆ ଉପରିଆ ଆୟ ହୋଇଥାଏ। ତେଣୁ କରି ସେମାନେ ଧରପଗଡ଼ କରନ୍ତି ନାହିଁ। ଏହି ମଦ ଏକ ନୂଆଁ ଲାଇସନ୍ସ ପ୍ରାପ୍ତ ଦୋକାନୀ ଢାବା ଗୁଡିକୁ ଯୋଗାଣ କରୁଥିଲେ। ପୂର୍ବରୁ ଯୋଗାଣ କରୁଥିବା ଦୋକାନୀ ଏହା ଜାଣିବାକୁ ପାଇଥିଲେ। ତାଙ୍କ ଦୋକାନରୁ ମଦ ନ ଯିବା ଯୋଗୁଁ ଆକ୍ରୋଶ ଭାବେ ପୁଲିସ ବିଭାଗର ଉଚ୍ଚସ୍ତ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ। ମଦ ଦୋକାନରୁ ଗାଡି ଲୋଡ ହେବା କେତେବେଳେ ପହଞ୍ଚିବ, ଗାଡି ନମ୍ବର ସହିତ ପୁଲିସକୁ ସୂଚନା ଦିଆଯାଉଥିଲା। ତେଣୁ ପୁଲିସ ଟିମ ପୂର୍ବରୁ ଛପି ରହିଥିଲେ ଓ କାବୁ କରି ନେଉଥିଲେ। ଏବେ ତଦନ୍ତ କରି ଲାଇସନ୍ସ ପ୍ରାପ୍ତ ଦେକାନୀ ଉପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି। ଏ ସମ୍ପର୍କରେ ଏସଡିପିଓ ତୋଫାନ ବାଗ କହିଛନ୍ତିଯେ, ସଠିକ ଭାବେ କେଉଁ ଦୋକାନରୁ ମଦ ଆସୁଥିଲା ଜଣା ପଡ଼ି ନାହିଁ। ଏ ଦିଗରେ ମଧ୍ୟ ତଦନ୍ତ କରାଯାଉଛି। କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



# ବୁର୍ଲାରେ ଦୁଇ ଓକିଲଙ୍କ ମଧ୍ୟରେ ମାର୍‌ପିଟ, ଫାଟିଲା ନାକ

**ବୁର୍ଲା, ୩।୩(ସମିସ):** ବୁର୍ଲା ସହରରେ ଦୁଇ ଓକିଲଙ୍କ ମଧ୍ୟରେ ମାଡପିଟ ଆଜି ସାରା ସହରରେ ଚର୍ଚ୍ଚାର ବିଷୟ ହୋଇଛି। ଆଇନଜୀବିଙ୍କ ଏହି କାଣ୍ଡ ଏବେ ସାରା ସହରରେ ବେଶ୍ ଚର୍ଚ୍ଚାର ଖୋରାକ୍ ଯୋଗାଇଛି। ବାପ ପୁଅଙ୍କ ମାଡରେ ଅନ୍ୟ ଜଣଙ୍କ ନାକ ଫାଟିଥିବା ସୂଚନା ମିଳିଛି। ତେବେ ଘଟଣା ସ୍ଥଳରେ ଗୋଟିଏ ପକ୍ଷରୁ ବାପ ପୁଅ ଓ ଅନ୍ୟ ପକ୍ଷରେ ଆଉ ଜଣେ ରହି ବେଶ୍ କିଛି ସମୟ ଧରି ଗଣ୍ଡଗୋଳ କରିଥିଲେ। ସୂଚନା ଅନୁସାରେ ପୋଷ୍ଟ ଅଫିସ ପାଖରେ ଜଣେ ଓକିଲ ଠିଆ ହୋଇଥିବାବେଳେ ଅନ୍ୟ ଜଣେ ଓକିଲ ପହଞ୍ଚିବା ପରେ କୌଣସି କଥାକୁ ନେଇ କଥା କଟାକଟି ଆରମ୍ଭ ହୋଇଥିଲା। ତେବେ ଏଥିରେ ଓକିଲ ଜଣକ ନିଜ ପୁଅ ଡାକିବା ସହ ପୁଅ ସହ ଅନ୍ୟ ଜଣେ ଓକିଲଙ୍କୁ ବାଡେଇଥିବା ଅଭିଯୋଗ ହୋଇଛି। ତେବେ ମାଡ ଖାଇଥିବା ଓକିଲଙ୍କ ଅଭିଯୋଗ ହେଲେ ବାପ ପୁଅ ଆକ୍ରମଣ କରି ନାକ ଫଟାଇ ଦେଇଛନ୍ତି। ତେବେ ପ୍ରତିପକ୍ଷ ଓକିଲଙ୍କ କହିବା ଅନୁସାରେ ବାପ ପୁଅ ଛିଡା ହୋଇଥିବା ସମୟରେ ଆସି ସେ ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିବା ସହ ଆକ୍ରମଣ କରିଥିଲେ। ଏନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ତେବେ ବୁର୍ଲା ପୋଲିସ ଏହି ଘଟଣାରେ ଦୁଇଟି ମାମଲା ରୁଜୁ କରିଥିବା ଜଣାପଡ଼ିଛି।

**ଉଭୟ ପକ୍ଷରୁ ଥାନାରେ ଏତଲା**

# ଘରୁ ରୁପା କଏନ୍ ସହ ଟଙ୍କା ଚୋରି

**ସମ୍ବଲପୁର, ୩।୩(ସମିସ):** ଧନୁପାଲି ଥାନା ଅନ୍ତର୍ଗତ ସାକ୍ଷିପଡ଼ା ନିବାସୀ ଭରତ ଏନ ଭାରୁଙ୍କ ହନୁମାନ କଲୋନି ଲେନ୍-୩ ପାଖରେ ଥିବା ଘରୁ କବାଟ ଭାଙ୍ଗି ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ପରିବାରର ସମସ୍ତେ କୌଣସି କାମ ପାଇଁ ବାହାରକୁ ଯାଇଥିଲେ। ଏହି ସମୟରେ କେହି ଦୁର୍ବୃର୍ତ୍ତ ଘର କବାଟ ଭାଙ୍ଗି ଚୋରି କରିଥିବା ନେଇ ତାଙ୍କ ଭାଇ ଖବର ଦେଇଥିଲେ। ଘରକୁ ଆସି ଦେଖିବା ବେଳକୁ ଘରୁ ଆଲମାରୀ ଭାଙ୍ଗି ରୂପା ଗ୍ଲାସ ଓ ୬ଟି କଏନ, କ୍ୟାମେରା, ୧ ଲକ୍ଷ ୯୦ ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

**ସମ୍ବଲପୁର ଜିଲ୍ଲା କଂଗ୍ରେସ**

# ବ୍ଲକ ଓ ଟାଉନରେ ନୂତନ କର୍ମକର୍ତ୍ତା ନିଯୁକ୍ତି

**ସମ୍ବଲପୁର, ୩।୩(ସମିସ):** ସମ୍ବଲପୁର ଜିଲ୍ଲା କଂଗ୍ରେସ ସଭାପତି ଜୟଶଙ୍କର ମିଶ୍ର ଦାୟିତ୍ୱ ସମ୍ଭାଳିବା ପରେ ଜିଲ୍ଲା ସ୍ତରରେ ନୂତନ ଟିମ ତିଆରି କରୁଛନ୍ତି। ପକ୍ଷରୁ ଜିଲ୍ଲା ଓ ବିଭିନ୍ନ ବ୍ଲକର କର୍ମକର୍ତ୍ତାଙ୍କୁ ନେଇ କମିଟି ଗଠନ କରାଯାଇଛି। ଦଳକୁ ସୁଦୃଢ କରିବା ନେଇ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ କରୁଛନ୍ତି। ବ୍ଲକ ଓ ଟାଉନ ସ୍ତରରେ ସଭାପତି ଓ ଉପସଭାପତିଙ୍କୁ ନିଯୁକ୍ତି ହୋଇଛନ୍ତି। ସମ୍ବଲପୁର ଟାଉନ-୧ରେ ପ୍ରତ୍ୟୁଷ ବହିଦାର ସଭାପତି ଓ ସମ୍ବଲପୁର ଟାଉନ-୨ରେ ସରୋଜ ବନଛରସଭାପତି ଭାବରେ ନିଯୁକ୍ତି ହୋଇଛନ୍ତି। ସେହିପରି ରେଢାଖୋଲ ଏନଏସିରେ ହରେଶ କର୍ଣ୍ଣ ସଭାପତି ଓ ମାନେଶ୍ୱର ବ୍ଲକ ଉପସଭାପତି ଭାବେ ସୁଶାନ୍ତ କୁମାର ପଣ୍ଡାଙ୍କୁ ନିଯୁକ୍ତି ହୋଇଛନ୍ତି।

# ବିଦ୍ୟାଳୟସ୍ତରୀୟ ଉତ୍ସବ ବାତିଲ, ଯୋଗଦେଲେ ନାହିଁ ପୁରାତନ ଛାତ୍ର

**ସମ୍ବଲପୁର, ୩।୩(ସମିସ):** ଜିଲ୍ଲାସ୍କୁଲରେ ସ୍କୁଲ ସ୍ତରୀୟ ଉତ୍ସବରେ ଯୋଗ ଦେଲେ ନାହିଁ ପୁରାତନ ଛାତ୍ର ସଂଘ ଓ ମୋ ସ୍କୁଲ ଅଭିଯାନର ସଦସ୍ୟ। ତେଣୁ ଆଜି ହେବାକୁ ଥିବା କାର୍ଯ୍ୟକ୍ରମ ବାତିଲ ହୋଇଛି। ଏନେଇ ସେମାନେ ସ୍କୁଲ କର୍ତ୍ତୃପକ୍ଷଙ୍କୁ ପୂର୍ବରୁ ଅନୁପସ୍ଥିତ ରହିବେ ଓ ବିରୋଧ କରିବେ ବୋଲି ଜଣାଇଦେଇଥିଲେ। ସ୍କୁଲରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ହୋଇ ମୋ ସ୍କୁଲ ଅଭିଯାନ କମିଟିକୁ ନେଇ ଏକ ବଡ ଧରଣର କାର୍ଯ୍ୟକ୍ରମ କରିବାକୁ ନିର୍ଦ୍ଦେଶ ରହିଥିଲା। ଯାହକି ଆଜି ଆୟୋଜନ ହେବାର ଥିଲା। ମୋ ସ୍କୁଲ ଅଭିଯାନ କମିଟି ପକ୍ଷରୁ ଅଭିଯୋଗ ହୋଇଛିଯେ, ସମ୍ବଲପୁର ଅସୁବିଧା ସ୍ଥିତିରେ ଭିଏସଏସ ଷ୍ଟାଡିୟମ ସ୍ଥିତ କ୍ରୀଡ଼ା ଛାତ୍ରାବାସର ଅନ୍ତେବାସୀଙ୍କୁ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଛାତ୍ରାବାସରେ ସାମୟିକ ଭାବେ ଥଇଥାନ କରାଯାଇଥିଲା। ବର୍ଷ ବର୍ଷ ବିତିଯାଇଥିଲେ ମଧ୍ୟ ନୂତନ ଗୃହ ନିର୍ମାଣ ହୋଇ ପାରିଲା ନାହିଁ। ଆନ୍ଦୋଳନ କରିବାକୁ ଅନ୍ତୋବାସୀଙ୍କୁ ଏଠାରୁ ଫେରାଇ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ବର୍ଷାକ କାଳ ବିତିଯାଇଥିଲେ ହେଁ ଛାତ୍ରାବାସକୁ ଜିଲ୍ଲା ସ୍କୁଲକୁ ଫେରାଇ ଦିଆଯିବା ନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଏହି ସ୍କୁଲରେ ରହିବା ଅସୁବିଧା ନେଇ କିଛି ଛାତ୍ର ବିଦ୍ୟାଳୟ ଛାଡ଼ି ଅନ୍ୟ ବିଦ୍ୟାଳୟକୁ ଚାଲିଯିବାର ମଧ୍ୟ ନଜିର ରହିଛି। ପୁରାତନ ଛାତ୍ରଙ୍କ ସମସ୍ୟା ସମ୍ପର୍କରେ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଲେ ନାହିଁ। କ୍ରୀଡ଼ା ଛାତ୍ରାବାସ ନିର୍ମାଣ କିମ୍ବା ଅସ୍ଥାୟୀ ଭିଡ଼ାସୂତ୍ରରେ କ୍ରୀଡ଼ା ଛାତ୍ରାବାସ କରାଯାଇ ସେଠାକୁ ଅନ୍ତୋବାସୀଙ୍କୁ ନିଆଯାଉ ବୋଲି ସଂଘ ଦାବୀ କରିଛି। ଯଦି ଦାବୀ ପୁରଣ ହେଲେ ତାହା ହେଲେ ଉତ୍ସବରେ ସହଯୋଗ କରିବେ ବୋଲି କହିଥିଲେ। କରାଗଲେ ସେଠାକୁ ଫେରିଯିବେ ବୋଲି କୁହାଯାଇଥିଲା। ତେବେ, ତାହା ପରଠାରୁ ଜିଲା ପ୍ରଶାସନ ଓ କ୍ରୀଡ଼ା ବିଭାଗ ଏହି ପ୍ରସଙ୍ଗରେ ଉଦାସୀନ ରହୁଛି। ଆନ୍ଦୋଳନରେ ପୁରାତନ ଛାତ୍ର ସଂଘ ସଭାପତି ଇଂ ସୁରଜିତ ମିଶ୍ର, ସମ୍ପାଦକ ଇଂ ପ୍ରଦାସ୍ତ ନାଥ, ପବିତ୍ର ତ୍ରିପାଠୀ, ଶଶାଙ୍କ ପୁରୋହିତ, ମହେନ୍ଦ୍ର ମିଶ୍ର, ସଞ୍ଜିବ ମିଶ୍ର, ସୁକାନ୍ତ ବୋଷ, ଶିବ ବିଶି, ଦିଲୀପ କୁଅଁର, ପ୍ରଦୀପ ମେହେର ଦାବୀ କରିଛନ୍ତି।

# ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସଶକ୍ତୀକରଣ କର୍ମଶାଳା

**ସମ୍ବଲପୁର, ୩।୩(ସମିସ):** ସମ୍ବଲପୁର ପୌରାଞ୍ଚଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଝାଡୁଆପଡ଼ା ଠାରେ କିଶୋରୀ ବାଳିକାମାନଙ୍କ ସଶକ୍ତୀକରଣ କର୍ମଶାଳା ଆଜି ଅନୁଷ୍ଠିତ ହୋଇଯାଇଛି। ଶିଶୁ ପ୍ରକଳ୍ପ ଅଧିକାରିଣୀ ମୀନତି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି କିଶୋର ନ୍ୟାୟ ଆଇନ୍‌ର କାର୍ଯ୍ୟକାରିତା ଓ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହା ସହ ଶିଶୁ କନ୍ୟା ମୁଖ୍ୟତଃ ବାହ୍ୟ ପରିବେଶରୁ ନିଜକୁ ପ୍ରଭାବମୁକ୍ତ ରଖିବା ସହିତ ଅଧିକ ସଚେତନ ହେବାକୁ ଆହ୍ୱାନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ସଂଯୁକ୍ତା ସାହୁ ଡ୍ରପ୍ ଆଉଟ ଝିଅମାନଙ୍କ ପାଇଁ ସ୍କୁଲ ଯିବା ଉପରେ ଗୁରୁତ୍ୱ ଦେଇଥିଲେ। ସଖୀର ପ୍ରଶାସିକା ମୌସୁମୀ ଦୋରା ବାଲ୍ୟ ବିବାହ ରୋକିବାକୁ ବିଭିନ୍ନ ସଂସ୍ଥା ଓ ସ୍କୁଲଗୁଡିକରେ ସଚେତନତା କାର୍ଯ୍ୟକ୍ରମ କରାଯିବା ସହ ବାଲ୍ୟ ବିବାହ ଯୋଗୁଁ ହେଉଥିବା ସମସ୍ୟା ଉପରେ କହିଥିଲେ। ଏଡ୍ ଇଟି ଆହ୍ୱନର ଜିଲ୍ଲା ସଂଯୋଜିକା ସୁନୀତି ତ୍ରିପାଠୀ ଯୌନ ନିର୍ଯାତନା ଏବଂ ପୋକ୍ସୋ ଆଇନ୍ ଉପରେ ଆଲୋଚନା କରିଥିଲେ। ସିଡିପିଓ ମୀନତି ପାଣିଗ୍ରାହୀ କିଶୋରୀ ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଯୋଜନା ଉପରେ କହିଥିଲେ। ଅଙ୍ଗନବାଡି ସୁପରଭାଇଜର ଶୈରିନ୍ଦ୍ରୀ ନାୟକ ଓ ସୁଲୋଚନା ଅର୍କ ଅନ୍ୟ ତମ ଅତିଥି ରୂପେ ଉପସ୍ଥିତ ଥିଲେ। ଅଙ୍ଗନବାଡି କର୍ମୀ ସୁଜାତା ତ୍ରିପାଠୀ, ବନ୍ଦିତା ସ୍ୱାଇଁ, ସଂଯୁକ୍ତା ଦୋରା, ପ୍ରଣତି ବେହେରା, ହେମାଦ୍ରି ତନୟା ପଣ୍ଡା, ପ୍ରଭାତୀ ବଢେଇ, ଅମ୍ବିକା ସିଂହ, ମଞ୍ଜୁଲତା ଷଡଙ୍ଗୀ, ନିରୂପମା ମିଶ୍ର, ରିତୁ ସୁନା, ଦୀପାଳି ପଣ୍ଡା, ସବିତା ଦାସ, ରେଖା ଜେନା ସମେତ ଅନେକ ଅଙ୍ଗନବାଡି କର୍ମୀ ପରିଚାଳନାରେ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ କିଶୋରୀ ବାଳିକା ଉପସ୍ଥିତ ରହି ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ।




# ଶ୍ରୀରାମ ବାଟିକାରେ ୨୪ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି





**ସମ୍ବଲପୁର, ୩।୩(ସମିସ):** ବିଶ୍ୱଶାନ୍ତି ଓ ଜଗତକଲ୍ୟାଣ ପାଇଁ ସିନ୍ଦୁରପଙ୍କ କେନଘାଟିସ୍ଥିତ ଶ୍ରୀରାମ ବାଟିକାରେ ଅନୁଷ୍ଠିତ ହୋଇଥିବା ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ଗତ ୨୮ତାରିଖରେ ଅଧିବାସ, ୨୯ରେ ନାମ ଆରମ୍ଭ, ୧ରେ ଶ୍ରୀନାମ, ୨ରେ କାଶୀରୁ ଆସିଥିବା ଶ୍ରୀ ଶ୍ରୀ ଭରତ ଦାସ ମହାରାଜ ଓ ତାଙ୍କ ସହ ଆସିଥିବା ସାଧୁସନ୍ଥ, ମହନ୍ତମାନଙ୍କ ସେବାପର୍ବ ପାଳନ କରାଯାଇଥିଲା। ଏହି ଅବସରରେ ଆଜି ପୂର୍ଣ୍ଣାହୁତି, ନଗର କୀର୍ତ୍ତନ ଓ ଫଗୁଖେଳ ହୋଇଥିଲା। ଆଖପାଖର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ନାମଯଜ୍ଞରେ ଯୋଗ ଦେଇଥିଲେ। ନାମଯଜ୍ଞକୁ ଦେଖିବା ସହ ପୂର୍ଣ୍ଣାହୁତି ପଡ଼ିବା ସମୟରେ ହଜାରହଜାର ଭକ୍ତ ଶ୍ରୀରାମ ବାଟିକାରେ ଉପସ୍ଥିତ ଥିଲେ। ନାମଯଜ୍ଞରେ ଯୋଗ ଦେଇଥିବା ବିଶିଷ୍ଟ ସାଧୁସନ୍ଥ, ମହନ୍ତମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ସହିତ ସେମାନଙ୍କ ବିଶେଷ ସେବା କାର୍ଯ୍ୟକ୍ରମ କରାଯାଇଥିଲା। ଅଖଣ୍ଡ ଚବିଶ ପ୍ରହରର ମୁଖ୍ୟ ଆକର୍ଷଣ ଥିଲା ସାଧୁସନ୍ଥ ସେବା କାର୍ଯ୍ୟକ୍ରମ। କୃଷ୍ଣହରି ନାମ ସହିତ ମନ୍ତ୍ର, ଶ୍ଳୋକ ଉଚ୍ଚାରଣରେ ପରିବେଶଟି ଭକ୍ତିମୟ ହୋଇଥିଲା। ବିମାନରେ ପ୍ରଭୁ ଶ୍ରୀରାମଙ୍କ ମୂର୍ତ୍ତି ରଖାଯାଇ ନଗର ପରିକ୍ରମା ସହ ଗୃହପ୍ରବେଶ କରାଯାଇଥିଲା। ସମସ୍ତ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବିଶିଷ୍ଟ ସମାଜସେବୀ ଶତ୍ରୁଘ୍ନଲାଲ ସାହା ନାମଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତ କର୍ମକର୍ତ୍ତା, ସାମିଲ ହୋଇଥିବା ବିଶିଷ୍ଟ ଅତିଥି ଓ ସ୍ଥାନୀୟ ଗ୍ରାମବାସୀଙ୍କୁ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

# ଧନଞ୍ଜୟ ସାନବଡଙ୍କ ପରଲୋକରେ ଶୋକସଭା

**ସମ୍ବଲପୁର, ୩।୩(ସମିସ):** ଧନୁପାଲି ସ୍ଥିତ ସମ୍ବଲପୁର କଳା ଏକାଡେମୀର ତରୁଣ ଚିତ୍ରଶିଳ୍ପୀ ଧନଞ୍ଜୟ ସାନବଡ ଓରଫ୍ ରାଜାଙ୍କ ବିୟୋଗରେ ଏକାମେଡମୀ ପକ୍ଷରୁ ଆଜି ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ଅଧ୍ୟକ୍ଷ ସଞ୍ଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋଭସଭାରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି ଉପସ୍ଥିତ ସଦସ୍ୟମାନେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଏଥରେ ଏକାଡେମୀର ପ୍ରଶାନ୍ତ ମାଝୀ, ସଞ୍ଜୟ ମିଶ୍ର, ପବିତ୍ର ବେରିହା, ସୁବ୍ରତ ବେହେରା, ସୁମନ ପାଲ, ନମ୍ରତା ନାୟକ, ଆକୃତି ଦାସଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସୂଚନା ଥାଉ କି, ଗତକାଲି ଏକ ସଡ଼କ ଦୁର୍ଘଟଣାରେ ଧନଞ୍ଜୟଙ୍କ ମୃତ୍ୟୁ ହୋଇଥିଲା।



**ରାଜ୍ୟସ୍ତରୀୟ ଆଲୋଚନାଚକ୍ର**

# ପରିବର୍ତ୍ତନ ଏକ ଚିରନ୍ତନ ସତ୍ୟ, ପିଲାଙ୍କୁ ପରୀକ୍ଷା ବୋଝ

ସମ୍ବଲପୁର, ୩।୩(ସମିସ)

ଶିକ୍ଷା ହିଁ ଅର୍ଥନୈତିକ ପରିବର୍ତ୍ତନର ମାଧ୍ୟମ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥାପନ ହେବା ପରେ ପଶ୍ଚିମ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ବିକାଶ ହୋଇଛି ବୋଲି କୁଳପତି ବିଧୁଭୂଷଣ ମିଶ୍ର 'ପଶ୍ଚିମାଞ୍ଚଳ' ସମ୍ବାଦପତ୍ର ପକ୍ଷରୁ ଆୟୋଜିତ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରି କହିଛନ୍ତି। ଆଞ୍ଚଳିକ ତାରତମ୍ୟକୁ ଯୁବପୀଢ଼ି ହିଁ ଦୂର କରି ପାରିବ। ଜୀବନର ମୂଲ୍ୟବୋଧରେ ପରିବର୍ତ୍ତନ ପାଇଁ ଯଦି ଶିକ୍ଷା ମାଧ୍ୟମ ହୁଏ, ଏଥିରେ ଆମେ ସଫଳ ହୋଇ ପାରିନାହୁଁ। ତିନିବର୍ଷର ପିଲାଙ୍କ ମୁଣ୍ଡରେ ପରୀକ୍ଷାର ବୋଝ ଲଦିଦେବା କେତେ ସମୁଚିତ ତାହା ଅଭିଭାବକମାନଙ୍କ ପାଇଁ ଆତ୍ମଚିନ୍ତନର ସମୟ। ସକାରାତ୍ମକ ଚିନ୍ତାଧାରା ସହ ଆମକୁ ଆଗକୁ ବଢ଼ି ପିଲାଙ୍କ ମଧ୍ୟରେ ମଣିଷପଣିଆ ସୃଷ୍ଟି କରିବା ଆମ ସମସ୍ତଙ୍କ ଧ୍ୟେୟ ହେବା ଆବଶ୍ୟକ ବୋଲି କହିଥିଲେ। ପଶ୍ଚିମାଞ୍ଚଳର ପରିଚାଳନା ନିର୍ଦ୍ଦେଶକ ତଥା ଆଲୋଚନା ଚକ୍ରର ଅଧ୍ୟକ୍ଷ ବୈଦ୍ୟନାଥ ମିଶ୍ର ତାଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ଖବରକାଗଜ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ଆମର ଧର୍ମ। ଅନ୍ତର୍ଭୁକ୍ତି ଶିକ୍ଷା ଆମ ପାଇଁ ଆହ୍ୱାନ ବୋଲି କହିଥିଲେ। ସମ୍ପାଦିକା ଡାକ୍ତର ସୁରମା ମିଶ୍ର କହିଲେ ଶିକ୍ଷାରେ ଜାତିଭେଦ ଏକ ଅଭିଶାପ। ଭେଦଭାବ ରହିତ ଶିକ୍ଷା ଅନ୍ତର୍ଭୁକ୍ତି ଶିକ୍ଷାର ମୂଳ ଲକ୍ଷ୍ୟ ବୋଲି କହିବା ସହ ସ୍ନେହ ମମତାର ଅଭାବରୁ ପିଲାମାନେ ଶିକ୍ଷାର ମୌଳିକ ଧର୍ମଠାରୁ ଦୂରେଇ ଯାଉଛନ୍ତି। ବିଦେଶ ଯାଇ ଅଧିକ ଅର୍ଥ ଉପାର୍ଜନର ନିଶା ତାଙ୍କୁ



ବାପା ମାଁ ଛେଉଣ୍ଡ କରି ଦେଉଛି। ଅପରପକ୍ଷରେ ବାପା ମାଁ ମାନେ ବୃଦ୍ଧାଶ୍ରମରେ ସମୟ ଅତିବାହିତ କରୁଛନ୍ତି। ପ୍ରବୃତିଗତ ପରିବତ୍ତନକୁ ସମୟର ଆବଶ୍ୟକତା ବୋଲି କହିଥିଲେ। ଢ଼େଙ୍କାନାଳ ସ୍ଥିତ ଭାରତୀୟ ଗଣ ମାଧ୍ୟମ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ମୃଣାଳ ଚାଟାର୍ଜୀ ବିଷୟବସ୍ତୁ ସମ୍ବନ୍ଧୀୟ ମୂଳ ଭାଷଣରେ କହିଲେ, ପାଠକୁ ଭିନ୍ନ ଭିନ୍ନ ପ୍ରକୋଷ୍ଠରେ ଆବଦ୍ଧ ନ ରଖି ସେଥିରେ ନମନୀୟତା ରହିବା ଆବଶ୍ୟକ। ଆମର ମାନସିକ ଅବସ୍ଥା ଆଗକୁ ଆଗେଇ ନେବାରେ ବାଧକ ସାଜୁଛି। ତେଣୁ ବିଜୟ ମନସ୍କ ବା ସକାରାତ୍ମକ ମନୋଭାବ ସହ ସାମୂହିକ ଉଦ୍ୟମ କଲେ ଆଲୋଚନା ଚକ୍ରର ଉଦ୍ଦେଶ୍ୟ ପୂରଣ ହେବ। ଅର୍ଥ ଅଭାବରୁ ଅନେକ ପିଲା ପାଠ ପଢ଼ିପାରୁନାହାନ୍ତି। ତେଣ ଶିକ୍ଷା ଖର୍ଚ୍ଚକୁ ବଜେଟ୍‌ରେ ପ୍ରାଧାନ୍ୟ ଦେବା ଆବଶ୍ୟକ। ପରିବର୍ତ୍ତନ ଏକ ଚିରନ୍ତନ ସତ୍ୟ। ଆଜିର ସମସ୍ୟା ହୁଏତ ଆଗାମୀ ଦିନର ସମସ୍ୟା ହୋଇ ନ ପାରେ। ଆବଶ୍ୟକତାକୁ ନେଇ ଟେକ୍‌ନୋଲୋଜିର ଜନ୍ମ ବୋଲି କହିଥିଲେ। ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର କୁଳସଚିବ ଡଃ ନୃପରାଜ ସାହୁ ଜୀବନ ଶୈଳୀରେ ପରିବର୍ତ୍ତନ ହେଲେ ଶିକ୍ଷାର ପରିବର୍ତ୍ତନ ଆସିଲା ବୋଲି ଆମେ ଜାଣିବା। ଆମେ ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ନା ଶିକ୍ଷା ତାଙ୍କ ଦ୍ୱାରଦେଶରେ ଉପଲବ୍ଧ କରାଇବା, ଏହା ଏକ ପ୍ରଶ୍ନବାଚୀ ହୋଇ ରହିଥିବା ବେଳେ ପ୍ରତିଭାର ବିକାଶ ଆମ ପାଇଁ ନିଶ୍ଚିତ ରୂପେ ଏକ ଆହ୍ୱାନ ବୋଲି କହିଥିଲେ। ସମ୍ପାଦକ ଡଃ ଅଶୋକ କୁମାର ପଣ୍ଡା କହିଲେ ଆତ୍ମବିଶ୍ୱାସ ରଖି ସକାରାତ୍ମକ ଭାବନା ସହ ସମସ୍ତେ ଏକାଠି ହେଲେ ସବୁ ସମସ୍ୟାର ସମାଧାନ ହେବ। ମାନସିକ ପ୍ରଦୂଷଣ, ପ୍ରାକୃତିକ ପ୍ରଦୂଷଣ ଠାରୁ ଅଧିକ କ୍ଷତିକାରକ ବୋଲି ସେ ମତ ଦେଇଥିଲେ। କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସଭାପତି ଡଃ. ଗୋପବନ୍ଧୁ ବେହେରା ଶିକ୍ଷାନୁଷ୍ଠାନରେ ଶିକ୍ଷକଙ୍କ ଅଭାବ ଏକ ବିଡ଼ମ୍ବନା ବୋଲି କହିଥିଲେ। ଗୁଣାତ୍ମକ ଶିକ୍ଷା ପାଇଁ ସରକାର ଆଦର୍ଶ ବିଦ୍ୟାଳୟ ଖୋଲିଲେ। ସେଗୁଡ଼ିକ ଉପରୁ ଚକ୍ ଚକ୍, ଭିତରୁ ଫମ୍ପା। ମୁଖ୍ୟ ରାସ୍ତା କଡ଼ରେ ଥିବା ବିଦ୍ୟାଳୟ ମାନଙ୍କରେ ଶିକ୍ଷାଦାନ ପ୍ରାୟତଃ ଭଲ ଚାଲିଛି କିନ୍ତୁ ଗ୍ରାମାଞ୍ଚଳରେ ଗୁଣାତ୍ମକ ଶିକ୍ଷାର ଲେଶ ମାତ୍ର ଚିହ୍ନ ନାହିଁ। ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସନାତନ ପ୍ରଧାନ କହିଲେ ଯେ କେନ୍ଦ୍ର ସରକାରଙ୍କ ଶିକ୍ଷା ନୀତି କହୁଛି, ଯାହାର ଯେଉଁଠି ରୁଚି ଥିବ ତାକୁ ସେହି ଶିକ୍ଷା ଦିଆଯିବ। ଛାତ୍ର ହେଉଛନ୍ତି ରାଷ୍ଟ୍ରର ସମ୍ପତ୍ତିକୁ ଆମକୁ ଡାକ୍ତର, ଇଂଜିନିୟର, ସହ ଚାଷୀ, କୁମ୍ଭାର ଓ କମାର ମଧ୍ୟ ଦରକାର। ସେମାନଙ୍କ ଦକ୍ଷତା ପାଇଁ ତାଲିମ୍ ଆବଶ୍ୟକ ରହିଛି ବୋଲି କହିଥିଲେ।

# ବମ୍ପରଡ଼ା ଡାକ୍ତରଙ୍କୁ ମାଡ଼; ବ୍ୟାଙ୍କ ପିଅନ ଅଟକ

**ଦେବଗଡ଼, ୩।୩(ସମିସ):** ଏକ ଅଭାବନୀୟ ଘଟଣାକ୍ରମରେ ବାରକୋଟ ବ୍ଲକ ବମ୍ପରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କୁ ଜଣେ ବ୍ୟାଙ୍କ ପିଅନ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ବାରକୋଟ ପୁଲିସ ଏନେଇ ସମ୍ପୃକ୍ତ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁସାରେ, ବମ୍ପରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡା. ମାରୁତ ମହାପାତ୍ର ମଧ୍ୟାହ୍ନରେ ଡାକ୍ତରଖାନାରେ କାର୍ଯ୍ୟରତ ଥିବା ସମୟରେ ବମ୍ପରଡା ସେଣ୍ଟ୍ରାଲ ବ୍ୟାଙ୍କରେ ପିଅନ ଭାବେ କାର୍ଯ୍ୟରତ ମନୋଜ ଟିଗା ହଠାତ ଡାକ୍ତରଙ୍କ ଚ୍ୟାମ୍ବରକୁ ପଶିଆସି ପାଟିତୁଣ୍ଡ କରିଥିଲା। ଡାକ୍ତର ମହାପାତ୍ର ଉକ୍ତ ବ୍ୟକ୍ତିଙ୍କୁ ଆସିବାର କାରଣ ପଚାରିବାରୁ ମନୋଜ ହଠାତ ଡାକ୍ତରଙ୍କୁ ଆକ୍ରମଣ କରିବା ସହ ଗାଲରେ ଜାବୁଡ଼ା ମାରିଥିଲା। ଏଥିସହ ବିନା କାରଣରେ ଡାକ୍ତରଙ୍କୁ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଡାକ୍ତର ମହାପାତ୍ର ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତ ମନୋଜ ବିରୋଧରେ ବିଭିନ୍ନ ଦଫାରେ ଏକ ମାମଲା ରୁଜୁ କରିବା ସହ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣା ପଡିଛି।

# ବିଜୁ ସେତୁ ଦାବିରେ ଟିକିରା କ୍ରିୟାନୁଷ୍ଠାନ କମିଟି ଆନ୍ଦୋଳନ ମୁହାଁ

**ଦେବଗଡ଼, ୩।୩(ସମିସ)**

ଟିକିରା ନଦୀର ତିଳେଇପଶି-ଗାଡ଼ିଆପାଳ ନଦୀ ଘାଟରେ ବିଜୁ ସେତୁ ନିର୍ମାଣ ଦାବିରେ ତିଳେଇପଶି ଟିକିରା ସେତୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି। କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ ସାହୁଙ୍କ ଆବାହକତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଟିକିରା ନଦୀ ଯୋଗୁଁ ଅଞ୍ଚଳବାସୀ ଭୋଗୁଥିବା ବିଭିନ୍ନ ସମସ୍ୟା ପ୍ରକାଶ କରିଥିଲେ। ଉକ୍ତ ସ୍ଥାନରେ ବିଜୁ ସେତୁ ନିର୍ମାଣ ହେଲେ ୭ଟି ପଞ୍ଚାୟତ ୧୭ଟି ଗ୍ରାମର ପ୍ରାୟ ୬ ହଜାର ଜନସାଧାରଣ ଉପକୃତ ହେବେ ବୋଲି ପ୍ରକାଶ କରିଥିଲେ। ସେହିପରି ବୁଢାପାଳ ପଞ୍ଚାୟତର ତିଳେଇପଶି, ଜୁରାଡ଼ୁଙ୍ଗା, ଓ ନାତ୍ରିପାଳ ଗ୍ରାମ ଗୁଡିକ ଟିକିରା ନଦୀର ଅପରପାର୍ଶ୍ୱରେ ଥିବା କାରଣରୁ ଗ୍ରାମବାସୀ ଭତ୍ତା, ରାସନ, ଡାକ୍ତରଖାନା, ବ୍ୟାଙ୍କ, ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ, ପଶୁ ଚିକିତ୍ସାଳୟ, ପୁଲିସ ବିଟ ହାଉସ ସମବାୟ ସମିତି ଆଦିକୁ ଆସିବାକୁ ହେଲେ ଟିକିରା ନଦୀ ଅତିକ୍ରମ କରିବାକୁ ପଡୁଥିବାରୁ ବର୍ଷା ଋତୁରେ ଅନେକ ସମୟ ଡ଼ଙ୍ଗା ବୁଡି ଧନ ଜନ କ୍ଷୟକ୍ଷତି ଘଟୁଥିବା କ୍ରିୟାନୁଷ୍ଠାନ କମିଟି ଅଭିଯୋଗ କରିଛି। ଗତ ଆର୍ଥିକ ବର୍ଷରେ ଏହି ଘାଟରେ ବିଜୁ ସେତୁ ଯୋଜନା ଅନୁମୋଦନ ହୋଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ମଧ୍ୟ ସରିଛି ମାତ୍ର ଏଯାଏଁ ଏହାର କୌଣସି ଅଗ୍ରଗତି ହୋଇ ପାରିନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଓ ନୈରାଶ୍ୟଭାବ ଜାତ ହୋଇଛି। ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର ସାଜିଥିବାରୁ ଆସନ୍ତା ମାର୍ଚ୍ଚ ୮ ତାରିଖ ସୁଦ୍ଧା ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ନ କଲେ ବୁଢାପାଳ ରାଜରାସ୍ତାରେ ଅନିର୍ଦ୍ଦିଷ୍ଟ କାଳ ରାସ୍ତା ଅବରୋଧ ସହ ଭୋଟ ବର୍ଜନ କରିବା ନିଷ୍ପତ୍ତି ନେଇ ସାମ୍ବାଦିକ ସମ୍ମିଳନୀରେ ଟିକିରା ସେତୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଘୋଷଣା କରାଯାଇଛି। ଟିକିରା ସେତୁ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ସଭାପତି ରସାନନ୍ଦ ବେହେରା, ବଂଶୀଧର ବେହେରା, ହରେକୃଷ୍ଣ ବେହେରା, ଲଳିତ ମୋହନ ବେହେରା, ମଦନ ଦେହୁରୀ, ବଳରାମ ବେହେରା, ଭଜମନ ଶତପଥୀ, ନରେନ୍ଦ୍ର ନାଏକ, ପଳଉ ନାଏକ, ଘନ ନାଏକ, ଲିଙ୍ଗରାଜ ସାହୁ, ସନ୍ତୋଷ କୁମାର ସାହୁ, ଦିନ ମହାପାତ୍ର, ଦିଲ୍ଲୀପ ଆଚାର୍ଯ୍ୟ, ଗୁଣ୍ଡିଚା ବେହେରା, କୁଳମଣି ସାହୁ, କପିଳେଶ୍ୱର ବେହେରା ଓ ନିରାକାର ସାହୁଙ୍କ ସମେତ ବିଭିନ୍ନ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଗ୍ରାମବାସୀ ଉପସ୍ଥିତ ଥିଲେ।



# ଆର୍ଦ୍ରଭୂମିସ୍ଥଳରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ




**ଅମ୍ବାଭୋନା,୩।୩(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ, ଉତ୍ତମ ଆନୁକୂଲ୍ୟରେ ପକ୍ଷୀଗ୍ରାମ ମାନ୍ୟତାପ୍ରାପ୍ତ ଗୋବିନ୍ଦପୁରସ୍ଥିତ 'ହୀରାକୁଦ ନେଚର ପାର୍କ'ରେ ବିଶ୍ୱ ବନ୍ୟପ୍ରାଣୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉତ୍ତମ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟଅତିଥି ଭାବରେ ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ ଓ ସମ୍ମାନିତ ଅତିଥି ଭାବରେ ଉତ୍ତମ ସରପଞ୍ଚ ତଥା ପ୍ରକୃତି ବନ୍ଧୁ ହୀରାଧର ସାହୁ, ଲଖନପୁର ସରପଞ୍ଚ ସତ୍ୟଭୂଷଣ ସାହୁ, ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟା କଳ୍ପନା ପଧାନ, ସହ ବ୍ଲକ ଶିକ୍ଷାଧିକାରୀ ଲାଲମୋହନ ସିଂ ଓ ମୋହନ ଚରଣ ମହାନ୍ତ, ଶିକ୍ଷକ ରାଜକୁମାର ବଘେଲ, ସୋମନାଥ ବେହେରା, ପୂର୍ବତନ ଶିକ୍ଷକ ମଦନ ମୋହନ ନାୟକ, ସଚ୍ଚିଦାନନ୍ଦ ପ୍ରଧାନ, ପରିବେଶ ଗବେଷକ ସଂଜୟ ଖମାରୀ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ ସଂଜୟ ଖମାରୀ ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣ ତଥା ଆର୍ଦ୍ରଭୂମି ସଂରକ୍ଷଣ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ, ଜନପ୍ରତିନିଧି, ପ୍ରକୃତିପ୍ରେମୀ ଏବଂ ଶିକ୍ଷାବିତ୍ ସମସ୍ତେ ଆନ୍ତରିକ ଉଦ୍ୟମ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ଉତ୍ତମ ହାଇସ୍କୁଲର ଇକୋ କ୍ଲବ ଶିକ୍ଷକ ପ୍ରଣୟ ରଞ୍ଜନ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଘର ହିଁ ବିଦ୍ୟାଳୟ'ର ପ୍ରଥମ ପର୍ଯ୍ୟାୟ

**ପଦ୍ମପୁର, ୩।୩ (ସମିସ):** ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁ ବାଟିକା ବିଭାଗର ନୂତନ ଶିକ୍ଷାବର୍ଷ ପାଇଁ ଘର ହିଁ ବିଦ୍ୟାଳୟ ପ୍ରଥମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଶିକ୍ଷା ବିକାଶ ସମିତି ଓଡିଶା ବିଦ୍ୱତ ପରିଷଦ ସଭାପତି ଡ. ବାଞ୍ଛାନିଧି ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଯୁବରାଜ ପଧାନ ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂକୁଳ ଶିଶୁ ବାଟିକା ପ୍ରମୁଖ ସୁଜାତା ତ୍ରିପାଠୀ ସୂଚନା ପ୍ରଦାନ କରିଥିଲେ। ଗୁରୁଜୀ ଗୁରୁମାଙ୍କ ଦ୍ୱାରା ପ୍ରାୟଗିକ କାଳାଂଶରେ ପୋପେଟ ସୋ କରାଯାଇଥିଲା। ସଭାପତି ପୃଥିରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ୭୨ ଜଣ ନୂତନ ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। ସମସ୍ତ ଗୁରୁଜୀ ଗୁରୁମା' ସହଯୋଗ କରିଥିଲେ।



# ଖରସଲ ଜମିଦାରଙ୍କ ବୀରତା ଦିବସ ପାଳିତ



**ଭଟଲି, ୩।୩(ସମିସ):** ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅନ୍ତର୍ଗତ ବୀର ମାଟି ଖରସଲ ଗ୍ରାମରେ ଜମିଦାର ସର୍ଦ୍ଦାର ଦୟାଲ ସିଂଙ୍କ ବୀରତା ଦିବସ ରବିବାର ପାଳିତ ହୋଇଯାଇଛି। କେଶାଇପାଲି ଜମିଦାର ତଥା ଷଡ଼ବଂଶୀ ଗଣ୍ଡ ସମାଜ ଜିଲ୍ଲା ସଭାପତି ଲକ୍ଷ୍ମୀ ନାରାୟଣ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ସୁବ୍ରତ ସିଂ ମୁଖ୍ୟଅତିଥି ଭାବେ ଜମିଦାରଙ୍କ ବୀରଗାଥା ବର୍ଣ୍ଣନା କରିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ମହାଦେବ ସିଂ, ମନୋହର ଖମାରୀ, ରମଣୀ ରଂଜନ ଖମାରୀ, ଖଗପତି ସିଂ, ଉଦିତ ସିଂ ଦେଓ, ପ୍ରମୋଦ କୁମାର ସିଂ, ଶ୍ୟାମ କୁମର ଭୋଇ, ମହାଦେବ ବାଗ, ରବି ସିଂ ଧାରୁଆ, ତରଣି କୁମୁରା, ଜଗନ୍ନାଥ ବାଗ, ଦଧିବାମନ ବାଗ ପ୍ରମୁଖ ଯୋଗ ଦେଇଥିଲେ। ଦାଶରଥି ଭୋଇ ସଭା ପରିଚାଳନା କରିଥିଲେ।

# ସନାତନୀ ବ୍ରାହ୍ମଣ ସମାଜର ବୈଠକ

**ବରପାଲି, ୩।୩ (ସମିସ):** ବରପାଲି ବ୍ଲକ ସନାତନୀ ବ୍ରାହ୍ମଣ ସମାଜର ଏକ ସାଧାରଣ ବୈଠକ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମାଜ ସଭାପତି କୃଷ୍ଣଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ପଣ୍ଡିତ ହେମନ୍ତ ମିଶ୍ରଙ୍କ ଦ୍ୱାରା ସାମୂହିକ ଗାୟତ୍ରୀ ମନ୍ତ୍ର ପାଠ କରାଯାଇଥିଲା। ସଂପାଦକ ଶରତଚନ୍ଦ୍ର ପାଣିଗ୍ରାହୀ ସଭାର ଆଭିମୂଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ନୀରଦ କୁମାର କର ଜିଲ୍ଲାସ୍ତରୀୟ ସଭାର ଆୟବ୍ୟୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆସନ୍ତା ୨୦ ଓ ୨୧ ତାରିଖ ନରସିଂହ ମନ୍ଦିର ଓ ମାରୱାଡି ଧର୍ମଶାଳାରେ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି। ଲୋକନାଥ ତ୍ରିପାଠୀ, ଦାମୋଦର ପଣ୍ଡା, ଆନନ୍ଦ ପ୍ରସାଦ ଦାଶ, ଯୋଗେଶ ଦାଶ, ଅଶୋକ ପଣ୍ଡା, ନିମାଇଁ ଚରଣ ପଣ୍ଡା, ଅରୁଣ ପଣ୍ଡା, ପଣ୍ଡିତ ଡୋଲାମଣି ଦେବତା, ରମେଶଚନ୍ଦ୍ର କର, ରମାକାନ୍ତ ତ୍ରିପାଠୀ, ବିକାଶ ପାଢୀ, ମଧୁମଙ୍ଗଳ ମିଶ୍ର, ଅଭିଭାବକ ପ୍ରମୋଦ ମିଶ୍ର, ସୋନୁ ଷଡ଼ଙ୍ଗୀ, ସୈରେନ୍ଦ୍ରୀ ଦାଶ, ପ୍ରଶାନ୍ତ ମିଶ୍ର, ସହଦେବ ପଣ୍ଡା, ପ୍ରଶାନ୍ତ ଦାଶ, ଧିରେନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦାନ କରିଥିଲେ। ଧର୍ମରାଜ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



# ସାମକଟାରେ ହନୁମାନ ଓ ଶିବ ମନ୍ଦିର ପ୍ରତିଷ୍ଠା

**ବରଗଡ଼,୩।୩(ସମିସ):** ବରଗଡ଼ ଜିଲ୍ଲା ସାମକଟାରେ ପ୍ରଭୁ ହନୁମାନ ଏବଂ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ ହୋଇଯାଇଛି। ରବିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଶହ ଶହ ସଂଖ୍ୟାରେ ମହିଳା ସାମିଲ ହୋଇ ପୂର୍ଣ୍ଣ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ମୁନୁ ଆଚାର୍ଯ୍ୟ ଏବଂ ପଣ୍ଡିତ ସୁନୀଲ ମିଶ୍ରଙ୍କ ତତ୍ତ୍ୱାବଧାନରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲିଥିବା ବେଳେ ଶୋଭାଛନ୍ଦ ବାରିକ ଏବଂ ଆଶାରାଣୀ ବାରିକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପାଞ୍ଚ ଦିନ ଧରି ଚାଲିବାକୁ ଥିବା ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରତ୍ୟହ ହୋମ, ଯଜ୍ଞ, ଶିବ ସହସ୍ରନାମ ପାଠ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ପ୍ରତ୍ୟହ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ମନ୍ଦିର ପ୍ରତିଷ୍ଠା କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

## ସମ୍ବଲପୁର ବିଶ୍ୱବିଦ୍ୟାଳୟ

# ରସାୟନ ବିଜ୍ଞାନର 'ରେଟିକ୍ସ ୨୦୨୪' ଉଦ୍‌ଯାପିତ

**ସମ୍ବଲପୁର, ୩।୩(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ରସାୟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ ଜାତୀୟ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଯାଇଛି। ଆମେରିକାନ କେମିକାଲ ସୋସାଇଟି ଓ ରୟାଲ ସୋସାଇଟି ଅଫ୍ କେମିଷ୍ଟ୍ରିର ମିଳିତ ସହଯୋଗରେ ରିସେଣ୍ଟ ଟ୍ରେଣ୍ଡସ୍ ଇନ କେମିକାଲ ସାଇନ୍ସ ୨୦୨୪(ରେଟିକ୍ସ) ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଦୁଇଟି ସେସନର ଆଇଜର କୋଲକାତା ପ୍ରଫେସର ପ୍ରଦୀପ୍ତ ପୁରକାୟସ୍ଥ ଓ ଆଇଆଇଟି ମାଡ୍ରାସର ପ୍ରଫେସର ଦିଲ୍ଲୀପ କୁମାର ଚାନ୍ଦ ଅଧ୍ୟକ୍ଷତା କରିଥିଲେ। ଗବେଷଣାତ୍ମକ ଫଟୋଚିତ୍ର ଉପରେ ହୋଇଥିବା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରକାଶଥାଉକି, ଉଦ୍‌ଘାଟନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କୂଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, କୁଳସଚିବ ଡ. ନୃପରାଜ ସାହୁ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ସଂଯୁକ୍ତା ଦାସ ପ୍ରମୁଖ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଉଦ୍‌ଘାଟନୀ ଉତ୍ସବର ସଭାପତି ତଥା ଏହି ଜାତୀୟ ସମ୍ମିଳନୀର ଆବାହକ ପ୍ରଫେସର ପ୍ରଦୀପ୍ତ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଭାତ କୁମାର ସାହୁ ମଞ୍ଚାସୀନ ଅତିଥିଙ୍କ ପରିଚୟପ୍ରଦାନ କରିଥିଲେ। ସଭାର ମୁଖ୍ୟ ବକ୍ତା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ତଥା ସମ୍ପ୍ରତି ଆଇଆଇଟି ମାଡ୍ରାସରେ କାର୍ଯ୍ୟରତ ପ୍ରଫେସର ଅଶୋକ ମିଶ୍ରଙ୍କୁ ସମ୍ବର୍ଦ୍ଧନା କରି ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ରସାୟନ ବିଜ୍ଞାନର ପ୍ରଚାର ପ୍ରସାର ଏବଂ ଗବେଷଣାର ପ୍ରୋତ୍ସାହନ ପାଇଁ ଦୀର୍ଘ ଦୁଇ ଦଶନ୍ଧି ଧରି ଏହିପରି ସମ୍ମିଳନୀ ଆୟୋଜନ କରୁଥିବା ରସାୟନ ବିଭାଗକୁ ପ୍ରଶଂସିତ କରିଥିଲେ। ତିନିଦିନ ଧରି ଅନୁଷ୍ଠିତ ହେଉଥିବା ଏହି ସମ୍ମିଳନୀରେ ଭାରତର ତଥା ବିଦେଶର ବିଭିନ୍ନ ଖ୍ୟାତି ସମ୍ପନ୍ନ ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନ ମାନଙ୍କର ବକ୍ତାମାନେ ଗବେଷଣାତ୍ମକ ଭାଷଣ ଦେଇଥିଲେ। ବିଭାଗର ପ୍ରଫେସର ଅମରେଶ ମିଶ୍ର, ପ୍ରଫେସର ରାମ ନରେଶ ମହାଲିଙ୍ଗ, ଡ. ହୀରକ ଚକ୍ରବର୍ତ୍ତୀ, ଡ. ସତ୍ୟନାରାୟଣ ସାହୁ, ଡ. ନବକୃଷ୍ଣ ବେହେରା ଏବଂ ଡ. ଲିପିକା ମିର୍ଦ୍ଧା ସଭା ପରିଚାଳନାରେ ସହଯୋଗ କରିଥିଲେ। ପ୍ରଫେସର ଗୋପବନ୍ଧୁ ବେହେରା, ପ୍ରଫେସର ବିଜୟ ମିଶ୍ର, ଏମିରିଟସ୍ ସାଇନଟିଷ୍ଟ ପ୍ରଫେସର ପ୍ରମିଳା ମିଶ୍ର, ହନରାରୀ ପ୍ରଫେସର ଅନୟ ବେହେରା, ରିସର୍ଚ ସ୍କୋଲାରସ୍ ଜୟଲଳିତା ଜ୍ୟୋତିଷଙ୍କ ସହ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




# ଜାଗା ମିଶନ ଓ ଦଳିତ ଅଧିକାର ସମ୍ବନ୍ଧିତ ବୈଠକ



**ସମ୍ବଲପୁର, ୩।୩(ସମିସ):** ସହର ସ୍ଥିତ ସାମ୍ବାଦିକ ଭବନ ଠାରେ ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଜାଗା ମିଶନ ଓ ଦଳିତ ଅଧିକାର ସମ୍ବନ୍ଧେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଧାନସଭା କ୍ଷେତ୍ରର ବୁର୍ଲା, ହୀରାକୁଦ ଓ ସମ୍ବଲପୁର ସହରରେ ଜାଗା ମିଶନ ଯୋଜନାରେ ଏକ ଡିସିମିଲ ଜମି ପ୍ରଦାନ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯାଇ ଡକ୍ଟର ବିଆର ଆମ୍ବେଦକରଙ୍କ ସାମ୍ବିଧାନିକ ବ୍ୟବସ୍ଥାରେ ଏହାକୁ ୪ ଡିସିମିଲ ଜମି ପ୍ରଦାନ କରିବାକୁ ଦାବି କରାଯାଇଥିବା ପରିଷଦର ଅଧ୍ୟକ୍ଷ ନିହାଲ ସିଂ କହିଛନ୍ତି। ମୁଖ୍ୟତଃ ଗଣ୍ଡା ସମାଜର ଏହି ବିଧାନସଭାରେ ୪୨ହଜାର ଭୋଟର ଥିବାବେଳେ ଘାସି, ଚମାର ସମାଜର ୨୫ହଜାରରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ମୁଖ୍ୟତଃ ୬୦ ପ୍ରତିଶତ ଏହି ସମାଜର ଲୋକଙ୍କ ଜାଗା ମିଶନ ଯୋଜନାରେ ସାମିଲ କରାଯାଇନାହିଁ। ଏଣୁ ଆଉ ଥରେ ସର୍ଭେ କରାଯାଇ ସେମାନଙ୍କୁ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି। ସେମାନେ ଗରିବ, ଦିନ ମଜୁରିଆ ହୋଇଥିବାରୁ ପଟ୍ଟାଜାଗା କିଣି ନପାରି ସରକାରୀ ଜାଗାରେ ବସବାସ କରୁଛନ୍ତି। ସେଥିପାଇଁ ଏହି ସମାଜର ଲୋକମାନଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଉପମହାସଚିବ ସୁନିତା ବାଗ, ଶେଖ୍ ଇନ୍ତେଖାପ୍, ଜିଲ୍ଲା ସହ ସଂଯୋଜକ ପ୍ରଦିପ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

# ବଜରଙ୍ଗ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ: କେନ୍ଦୁଝର ଚାମ୍ପିଅନ

**ଦେବଗଡ଼,୩।୩(ସମିସ)**

ଦେବଗଡ଼ ପୌରାଞ୍ଚଳ ମହୁଲଡିପା ସାହିର ନାଳ ପଡିଆଠାରେ ମହାବୀର କ୍ଲବ ପକ୍ଷରୁ ଅନୁଷ୍ଠିତ ବଜରଙ୍ଗ କପ କ୍ରିକେଟ ପ୍ରତିଯୋଗିତା ଆଜି ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ କେନ୍ଦୁଝର ଓ ଝାରସୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚରେ କେନ୍ଦୁଝର ଦଳ ଟସ ଜିଣି ପ୍ରଥମେ ବ୍ୟାଟଂ କରି ନିର୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୨୦ ରନ ସଂଗ୍ରହ କରିଥିଲା। ଜବାବରେ ଝାରସୁଗୁଡା ଦଳ ନିର୍ଦ୍ଧାରିତ ଓଭର ପୂର୍ବରୁ ସମସ୍ତ ୱିକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲା। ମ୍ୟାଚରେ କେନ୍ଦୁଝର ଦଳ ୫୫ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ମୁକେଶ ଦଳାଇ ଓ ଦିଲୁ ଦାସଭାୟା ମ୍ୟାଚକୁ ପରିଚାଳନା କରିଥିଲେ। ବି.କ୍ଷିରେଦ କୁମାର ସ୍କୋରର ଥିବାବେଳେ ପରିତୋଷ ସାହୁ ଓ ରୁଦ୍ର ଭଞ୍ଜ ଅନଲାଇନ ସ୍କୋରର ଥିଲେ। ବେଣୁଧର ଗଡନାୟକ ଏବଂ ରଞ୍ଜନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ଉପସଭାପତି ପ୍ରିତମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ସୁବାସଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ଉପନଗରପାଳ ପ୍ରଜିତ ଭୋଜ, ଜିଲ୍ଲା କ୍ରିକେଟ ସଂଘର ସଂପାଦକ ସୁଜିତ ପ୍ରଧାନ, ଆଇନଜୀବୀ ସଚ୍ଚିକାନ୍ତ ଦାଶ, ଭୋଳେଶ୍ୱର ପ୍ରଧାନ, ବସନ୍ତ ବେହେରା, ଅରୁଣ ଭଞ୍ଜ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସୌଭାଗ୍ୟ ରାଉତଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ଭରତ ସ୍ୱାଇଁଙ୍କୁ ମ୍ୟାନ ଅଫ ଦି ସିରିଜ, ବିଶାଳ ହାତୀଙ୍କୁ ଶ୍ରେଷ୍ଠ ବ୍ୟାଟସମ୍ୟାନ, ଏମ.ଡି. ଅବୁଜାରଙ୍କୁ ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ କରାଯାଇଥିଲା। କ୍ଲବର ସଭାପତି କାର୍ତ୍ତିକ ମହାକୁଳ, ସଂପାଦକ ରାଜୀବ ଗଡନାୟକ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ଭଞ୍ଜ, ସହକୋଷାଧ୍ୟକ୍ଷ ଆଲୋକ ମହାପାତ୍ରଙ୍କ ସମେତ ସଦସ୍ୟମାନେ ସହଯୋଗ କରିଥିଲେ।




# ବୈଷ୍ଣବ ଭୋଇଙ୍କୁ ମିଳିଲା ପ୍ରାଣୀମିତ୍ର ପୁରସ୍କାର

**ବରଗଡ଼, ୩।୩ (ସମିସ):** ବିଶ୍ୱ ବନ୍ୟଜନ୍ତୁ ସଂରକ୍ଷଣ ଦିବସ ଅବସରକ୍ରମେ ଇଭର୍ ଗ୍ରୀନ୍ ଫୋରମ୍ ପକ୍ଷରୁ ଜୟଦେବ ଭବନ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ 'ପ୍ରାଣୀମିତ୍ର ପୁରସ୍କାର' ପ୍ରଦାନ କରାଯାଇଛି। ଡେବ୍ରିଗଡ ଅଭୟାରଣ୍ୟ ଆଧାରରେ ପଶ୍ଚିମ ଓଡିଶାରୁ ବିଶିଷ୍ଟ ସମାଜସେବୀ ଲେଖକ ବୈଷ୍ଣବ ଭୋଇ ପ୍ରାଣୀମିତ୍ର ପୁରସ୍କାର ଲାଭ କରିଛନ୍ତି। ଏହି ଉପଲକ୍ଷେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ଭଟଲି ବିଧାୟକ ସୁଶାନ୍ତ ସିଂ, ଡେବ୍ରିଗଡ଼ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାଶ, ପୂର୍ବତନ ମନ୍ତ୍ରୀ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ଅମ୍ବାଭୋନା ବ୍ଲକ୍ ଅଧ୍ୟକ୍ଷ କୀର୍ତ୍ତିଚନ୍ଦ୍ର ଦୁଆନ, ଭଟଲି ବ୍ଲକ୍ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଭ୍ୟା ତଥା ଜିଲ୍ଲା ବିଜୁ ଜନତାଦଳ ମହିଳା ସଭାନେତ୍ରୀ ନୀଲ୍ କୁମାରୀ ନାଏକ ପ୍ରମୁଖ ବୈଷ୍ଣବ ଭୋଇଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



# ବେଲପାହାଡ଼ରେ ଜେଏନ୍ ଟାଟାଙ୍କ ୧୮୫ତମ ଜୟନ୍ତୀ ପାଳିତ

ଝାରସୁଗୁଡ଼ା, ୩।୩(ସମିସ)

ବେଲପାହାଡ଼ ଟିଆରଏଲ କ୍ରୋସାକି କାରଖାନା ପକ୍ଷରୁ ଟାଟା ପାର୍କଠାରେ ଟାଟା ଶିଳ୍ପ ଅନୁଷ୍ଠାନର ପ୍ରତିଷ୍ଠାତା ଜାମ୍‌ସେଦ୍‌ଜୀ ନୁସେର୍ୱାନ୍‌ଜୀ (ଜେ.ଏନ୍.) ଟାଟାଙ୍କ ୧୮୫ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ଟିଆରଏଲ କ୍ରୋସାକିର ବରିଷ୍ଠ ଅଧିକାରୀ, କର୍ମଚାରୀ, ବିଭିନ୍ନ ଅନୁଷ୍ଠାନ, ବରିଷ୍ଠ ନାଗରିକ, ମହିଳା ସଂଗଠନ, ବୁଦ୍ଧିଜୀବୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଟିଆରଏଲ କ୍ରୋସାକି କାରଖାନାର ପରିଚାଳନା ନିର୍ଦ୍ଦେଶକ ପ୍ରିୟବ୍ରତ ପଣ୍ଡା, ବରିଷ୍ଠ ଅଧିକାରୀ ଡଃ ତାରାପଦ ଦାଶ, ହିର୍ଦ୍ଦେଶ ସେହେଗଲ, ହିରୋଶି ନାଗାତା, ଏମଭି ରାଓ, ପ୍ରଶାନ୍ତ ନାଏକ, ଡଃ ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତ, ଅନିରୁଦ୍ଧ ମିଶ୍ର ଶ୍ରମିକ ନେତା ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରାଜକିଶୋର ରାଉତଙ୍କ ସମେତ ଅଜୟ, ସଚ୍ଚିଦାନନ୍ଦ ପଣ୍ଡା, ଦିଲୀପ ପ୍ରଧାନ, ଗଣେଶ ଭୋଇ, ଡ. ସୁବାସ ପ୍ରଧାନ, ସନ୍ତୋଷ



ସାହୁ, ସରୋଜ ମିର୍ଦ୍ଧା, ରଶ୍ମିରଞ୍ଜନ ମହାନ୍ତି, ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଟାଟା ପାର୍କଠାରେ ସୁନ୍ଦର ସାଜସଜ୍ଜା ସହ ଆଲୋକୀକରଣ କରାଯାଇଛି । ଜେଏନ୍ ଟାଟା ଭାରତ ବର୍ଷର ଗୁଜୁରାଟସ୍ଥିତ ନାଉସରୀଠାରେ ୧୮୩୯ ମାର୍ଚ୍ଚ ୩ ତାରିଖରେ ଜନ୍ମ ଗ୍ରହଣ କରିଥିଲେ । ଯୁବ ଅବସ୍ଥାରେ ସେ ଝାଡ଼ଖଣ୍ଡର ସାକ୍‌ଚି ଠାରେ ପ୍ରଥମେ ଟାଟା ଷ୍ଟିଲ୍ ନାମରେ ଏକ ଶିଳ୍ପ ବ୍ୟବସାୟ ଆରମ୍ଭ କରିଥିଲେ । ଯାହାକୁ ପରବର୍ତ୍ତୀ ସମୟରେ ଟାଟାନଗର ତଥା ଜାମ୍‌ସେଦ୍‌ପୁର ନାମରେ ନାମିତ ହୋଇଥିଲା । ଜେଏନ ଟାଟା ଧିରେ ଧିରେ ଦେଶ ତଥା ବିଦେଶରେ ମଧ ଜଣେ ସଫଳ ବ୍ୟବସାୟୀ ଭାବରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅନେକ ସମ୍ମାନର ଅଧିକାରୀ ହୋଇପାରିଥିଲେ । ତାଙ୍କର ଜୀବନ କାଳରେ ଟାଟା ଗୃପ, ଟାଟା ଷ୍ଟିଲ, ତାଜ୍ ହୋଟେଲ, ଟାଟା ସନ୍‌ସ ଆଦି ବିଶିଷ୍ଟ ଶିଳ୍ପ ଅନୁଷ୍ଠାନ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନ ମଧ ପ୍ରତିଷ୍ଠା କରିଥିଲେ । ଜେଏନ୍ ଟାଟା ଶିଳ୍ପ ଅନୁଷ୍ଠାନର ପ୍ରତିଷ୍ଠାତା ସହିତ ଭାରତ ଇତିହାସରେ ଶିଳ୍ପର ଶ୍ରଷ୍ଟା ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ । ଭାରତ ବିକାଶ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ତାଙ୍କ ଜନ୍ମ ଦିନକୁ ଥାର୍ଡ଼ ମାର୍ଚ୍ଚ ଭାବରେ ପାଳନ କରାଯାଇଥାଏ । ଜର୍ମାନୀରେ ୧୯୦୪ ମସିହା ମଇ ୧୯ ତାରିଖ ଦିନ ତାଙ୍କର ଦେହାନ୍ତ ହୋଇଥିଲା ।

## ଅଫିମ୍ ଚାଷ ନଷ୍ଟକଲା ଅବକାରୀ ବିଭାଗ; ଜଣେ ଗିରଫ

**ଦେବଗଡ଼, ୩।୩(ସମିସ):** ରିଆମାଳ ଥାନା ଗୁଣ୍ଡିଆପାଲି ପଞ୍ଚାୟତ ଅନ୍ତର୍ଗତ ଧୌରାଗୋଠ ଗ୍ରାମରେ ବେଆଇନ ଅଫିମ ଚାଷ ଚାଲିଥିବା ସୂଚନା ପାଇ ଜମିରୁ ଅଫିମ ଗଛଗୁଡିକୁ ଜିଲ୍ଲା ଅବକାରୀ ବିଭାଗ ନଷ୍ଟ କରିଛି । ରବିବାର ସକାଳୁ ନିର୍ଭରଯୋଗ୍ୟ ସୂତ୍ରରୁ ସୂଚନା ପାଇ ଜିଲ୍ଲା ଅବକାରୀ ଅଧୀକ୍ଷିକା ବାସନ୍ତୀପ୍ରଭା ନାୟକ ଓ ଅବକାରୀ ନିରୀକ୍ଷକ ମଧୁସୂଦନ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ବେଆଇନ ଅଫିମ ଚାଷ କରିଥିବା ଜଣେ ଯୁବକକୁ ଗିରଫ କରିବା ସହ ପ୍ରାୟ ଏକ ଏକର କ୍ଷେତରୁ ବେଆଇନ ଅଫିମ ଚାଷକୁ ନଷ୍ଟ କରିଛି । ନଷ୍ଟ କରାଯାଇଥିବା ଅଫିମ ଗଛର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଅଧୀକ୍ଷକ ଶ୍ରୀମତୀ ନାୟକ ପ୍ରକାଶ କରିଛନ୍ତି । ବେଆଇନ ଚାଷ ହୋଇଥିବା ଜମି ସରକାରୀ ନା ବ୍ୟକ୍ତିଗତ ତାହା ତଦନ୍ତ ପରେ ଜଣାପଡିବ ।



## ଓଲଟି ପଡ଼ିଲା ପିକ୍‌ଅପ୍

**ଝାରସୁଗୁଡ଼ା, ୩।୩(ସମିସ):** ବେହେରାମାମାଲଠାରେ ରବିବାର ଅପରାହ୍ନରେ ଏକ ଟେଣ୍ଟ ହାଉସର ପିକ୍‌ଅପ୍ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଛି । ଏହି ଗାଡ଼ିଟି ମାତ୍ରାଧିକ ବାଉଁଶ ବୋଝେଇ



ହେଇ ଯାଉଥିଲା । ବେହେରାମାଲଠାରେ ଭାରସାମ୍ୟ ହରାଇ ପଛପଟୁକୁ ଖସପଡ଼ି ଆଗପଟକୁ ଟେକି ହୋଇ ଯାଇଥିଲା । ବସିଥିବା ଡ୍ରାଇଭର ଓ ଜଣେ କର୍ମଚାରୀ ବହୁ କଷ୍ଟରେ ଉଦ୍ଧାର ହୋଇଥିଲେ । ଝାରସୁଗୁଡ଼ା ସହରରେ ଅନେକ ଯାନବାହନ ଅଭରଲୋଡ଼ ହେଇ ବିଭିନ୍ନ ସାମଗ୍ରୀ ପରିବହନ ହେଉଥିବାବେଳେ ଏହାର ରୋକ ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ମୁରଲୀପାଲିରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର

**ଝାରସୁଗୁଡ଼ା, ୩।୩(ସମିସ):** ସରକାରୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁରଲିପାଲିରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ବିଶିଷ୍ଟ ପ୍ରଫେସର ଡକ୍ଟର ସନ୍ଦୀପ ଯାଦବ ରବିବାରରେ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଅଭିଳାଷ ଓ ଉଚ୍ଚାକାଂକ୍ଷୀ ହେବା ପାଇଁ ପ୍ରେରିତ କରିଛନ୍ତି । ଏକ ସ୍ୱତନ୍ତ୍ର ଅଧିବେଶନରେ ଛାତ୍ରଛାତ୍ରୀମାନେ ଉପଯୁକ୍ତ ଶିକ୍ଷା ଦ୍ୱାରା ଆତ୍ମନିର୍ଭର ହେବା ସହ ସମାଜରେ ଜଣେ ଉତ୍ତମ ନାଗରିକ ଭାବରେ ନିଜକୁ ଗଢିତୋଳିବାକୁ ପରାମର୍ଶ ଦେଇଥିଲେ । ଜଣେ ଶିକ୍ଷିତା ନାରୀ ଜୀବନ ସଂଗ୍ରାମରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ନିଜକୁ, ପରିବାରକୁ, ସମାଜକୁ ଓ ଦେଶକୁ ଆଗେଇନିଏ । ତେଣୁ ନାରୀ ଶିକ୍ଷାର ଅତ୍ୟନ୍ତ ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଏହି ସ୍ୱତନ୍ତ୍ର ଅଧିବେଶନରେ ସରକାରୀ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଲକ୍ଷ୍ମୀନାରାୟଣ କଲେଜର ପୂର୍ବତନ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପଧାନ, ଯୁବ ସମାଜସେବୀ ଆଦିତ୍ୟ ପଧାନ ଏବଂ ଆଲୁମନି ସଦସ୍ୟ କିଶୋର ପଧାନ ଉପସ୍ଥିତ ଥିଲେ ।

## ବାରପାଲି ତୁଳସୀବନ ଲୋଇସିଂ କେନ୍ଦ୍ର ନୂଆ କର୍ମକର୍ତ୍ତା

**ବ୍ରଜରାଜନଗର, ୩।୩(ସମିସ):** ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ଲୋଇସିଂ ପଞ୍ଚାୟତ ରାଜପୁର ବାରପାଳି ତୁଳସୀ ବନ ଲୋଇସିଂ ଗୁଡ଼ି କେନ୍ଦ୍ର ଠାରେ ରବିବାର ମାଖନୁ ଭୋଇଙ୍କ ସଭାପତିତ୍ୱରେ ସମସ୍ତ ଗୁଡି ଅଧୀନରେ ଗୋଣ୍ଡ ସମାଜର ସଦସ୍ୟଙ୍କ ଉପସ୍ଥିତିରେ ଏକ ଗୁରୁତ୍ୱପୂର୍ଣ୍ଣ ସଭା ଅନୁଷ୍ଠିତ ହୋଇଯାଇଛି । ଅନେକ ଗୁଡିଏ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ଫେବୃଆରୀ ୧୯ରେ ହୋଇଥିବା ଜଙ୍ଗା ବଡ଼ଦେଓଙ୍କ ବାର୍ଷିକ ପୂଜାର ଆୟବ୍ୟୟ ଆଲୋଚନା କରାଯାଇଥିଲା । କେନ୍ଦ୍ରର ବିଭିନ୍ନ ପଦପଦବୀ ପାଇଁ ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଥିଲା । ସଭାପତି ଭାବରେ ଜଗିନ୍ଦ୍ର ନେଟି, ଉପସଭାପତି ସୁବାସ ନାଏକ, ସମ୍ପାଦକ ବିଶ୍ୱଲୋଚନ ଭୋଇ, ସହସମ୍ପାଦକ ତ୍ରିଲୋଚନ ମାଝୀ ଏବଂ କୋଷାଧ୍ୟକ୍ଷ ଭାବରେ ସାମନ୍ତ ଧୁରୁଆଙ୍କୁ ଚୟନ କରାଯାଇଛି ।

## ନନ୍ଦିଘୋଷଙ୍କୁ ସମ୍ବର୍ଦ୍ଧନା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ଝାରସୁଗୁଡ଼ା, ୩।୩ (ସମିସ):** ପରିବେଶର ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ସଚେତନତା ସୃଷ୍ଟି ଭଳି ମହତ



ଉଦ୍ଦେଶ୍ୟରେ ଭାରତ ଭ୍ରମଣ କରିଥିବା ନନ୍ଦିଘୋଷ ଖମାରୀଙ୍କୁ ଝାରସୁଗୁଡ଼ାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ୩ତାରିଖରେ ସୁନ୍ଦରଗଡ଼ରୁ ଆସି ଝାରସୁଗୁଡ଼ାରେ ପହଞ୍ଚିବା ପରେ ସଂସ୍କୃତି ଭବନଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ ଶ୍ରୀ ଖମାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ସଭାରେ ଶ୍ରୀ ଖମାରୀ ତାଙ୍କ ଭାରତ ଭ୍ରମଣର ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ୨୦୨୨ ସେପ୍ଟେମ୍ବର ୫ତାରିଖ ଗୁରୁଦିବସରେ ବରଗଡ଼ରୁ ସାଇକଲ ଯୋଗେ ଯାତ୍ରା ଆରମ୍ଭ କରିଥିବା ଶ୍ରୀ ଖମାରୀ ଭାରତର ୨୮ଟି ରାଜ୍ୟରେ ପ୍ରାୟ ୨୦ ହଜାର କିଲୋମିଟର ଭ୍ରମଣ ଅବସରରେ ମୁଖ୍ୟତଃ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ଉପକାରିତା ସମ୍ପର୍କରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିବା କହିଛନ୍ତି । ସମସ୍ତେ ଗଛ ଲଗାଇବା ଓ ଗଛକୁ ବଞ୍ଚାଇବା ପାଇଁ ଯତ୍ନବାନ ହେବା ସହ ନିଜକୁ ସୁସ୍ଥ ରଖିବା ପାଇଁ ଦୈନିକ ପାଞ୍ଚରୁ ଦଶ କିଲୋମିଟର ସାଇକଲ ଚଳାଇବାକୁ ପରାମର୍ଶ ଦେଇଛନ୍ତି । ବରିଷ୍ଠ ନାଗରିକ ସଂଘ ଜିଲ୍ଲା ସଭାପତି ବାଳଗୋବିନ୍ଦ ମିଶ୍ର, ସଂଘର ପଶ୍ଚିମ ଓଡ଼ିଶା ଶାଖା ସଭାପତି ପ୍ରଫେସର ଟହଲୁ ସାହୁ, ଟାଇମ୍ସ ଅଫ ଇଣ୍ଡିଆର ଜିଲ୍ଲା ପ୍ରତିନିଧି ରିତେଶ ଶର୍ମା ଶ୍ରୀ ଖମାରୀଙ୍କ ଏହି ମହତ ଉଦ୍ଦେଶ୍ୟର ପ୍ରଶଂସା କରିଥିଲେ । ଏହି ଅବସରରେ ସଂସ୍କୃତି ଭବନ ପରିସରରେ ଚାରାବୃକ୍ଷ ରୋପଣ କରିଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା ପରିଚାଳନା କରିଥିଲେ । ଝାରସୁଗୁଡ଼ା ପୌର ପରିଷଦର କର୍ମଚାରୀବୃନ୍ଦ ଅଚ୍ୟୁତାନନ୍ଦ ସ୍ୱାଇଁ, ପ୍ରକାଶଚନ୍ଦ୍ର ସାହୁ, ଅମୀୟ ମହାନ୍ତି, ସୁବ୍ରତ ସରାଫ, ପ୍ରତୀକ ବେଜ ଓ ଦେବାଶିଷ ପଣ୍ଡା ଏବଂ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀ ସମୀର କିଷାନ ଓ କିଙ୍ଗକଙ୍ଗ ନାଏକ ସହଯୋଗ କରିଥିଲେ । ଝାରସୁଗୁଡ଼ାରୁ ଶ୍ରୀ ଖମାରୀ ବରଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି ।

## ରାଜ୍ୟପାଳଙ୍କ ଦିନିକିଆ ଦେବଗଡ଼ ଗସ୍ତ ଆଜି

**ଦେବଗଡ଼, ୩।୩(ସମିସ):** ରାଜ୍ୟପାଳ ରଘୁବର ଦାସ ଦିନିକିଆ ଦେବଗଡ଼ ଗସ୍ତରେ ସୋମବାର ଆସୁଛନ୍ତି । ପ୍ରଧାନପାଟ ରୋଡ଼ରେ ଥିବା ବଡ଼ବଗିଚା ଅସ୍ଥାୟୀ ହେଲିପ୍ୟାଡ୍‌ରେ ସେ ହେଲିକ୍ୟାପ୍ଟର ଯୋଗେ ଅବତରଣ କରିବା ପରେ ଦେବଗଡ଼ର ଆରାଧ୍ୟ ଦେବୀ ପ୍ରଧାନ ପାଟେଶ୍ୱରୀଙ୍କ ଦର୍ଶନ ସହ ପ୍ରଧାନପାଟ ଜଳ ପ୍ରପାତ ପରିଦର୍ଶନ କରିବେ । ଏହା ପରେ ବାରକୋଟ ବ୍ଲକ ଗୁରୁଡୁଖମନ ଗ୍ରାମରେ ଅଙ୍ଗନବାଡି କର୍ମୀ ଓ ଅଭିଭାବକଙ୍କ ସହ ପୋଷଣ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିବା ପରେ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିବେ । ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଯାଇ ସେଠାରେ ଡାକ୍ତର ପାରା ମେଡିକାଲ ଷ୍ଟାଫ, ଆଶା କର୍ମୀ ଓ ରୋଗୀଙ୍କ ସହ ସାକ୍ଷାତ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ସେହିପରି ମିଶନ ଶକ୍ତି ଭବନଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଆଲୋଚନା କରିବା ପରେ ବଳମ ପଞ୍ଚାୟତ କିସାନ ସାହିଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ହିତାଧିକାରୀଙ୍କ ସହ ଆଲୋଚନା, ବଳମ ପଞ୍ଚାୟତ ମୁଖ୍ୟାଳୟଠାରେ ଚଷୀଙ୍କ ସହ ଆଲୋଚନା ପରେ ଦେବଗଡ଼ ସର୍କିଟ ହାଉସଠାରେ ମଧ୍ୟାହ୍ନ ଭୋଜନ ପରେ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ ପରେ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲା ପୁଲିସ ପକ୍ଷରୁ ୧୫୦ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ କରଯାଇଥିବା ଜଣାପଡିଛି ।

## କୋଇଲି ଘୁଘରରେ ପ୍ଲାଷ୍ଟିକ୍‌ମୁକ୍ତ ସଚେତନତା

**ଝାରସୁଗୁଡ଼ା,୩।୩(ସମିସ):** ଝାରସୁଗୁଡା ବନଖଣ୍ଡ ଅଧୀନସ୍ଥ ବେଲପାହାଡ ବନାଞ୍ଚଳ ଅନ୍ତର୍ଗତ କୋଇଲି ଘୁଘର ପ୍ରକୃତିସ୍ଥଳଠାରେ ରବିବାର



ବନାଞ୍ଚଳସ୍ତରୀୟ ପ୍ଲାଷ୍ଟିକ୍ ମୁକ୍ତ ପିକ୍‌ନିକ୍ ଉପରେ ଏକ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରିଣୀ ଶର୍ମିଳି ନାଏକ, ବନାଞ୍ଚଳ କର୍ମକର୍ତ୍ତା ଶକ୍ତିମୟ ପୃଷ୍ଟି, ଦିଲ୍ଲୀପ ପ୍ରଧାନଙ୍କ ସମେତ ସମସ୍ତ ବନପାଳ, ବନରକ୍ଷୀ ଏବଂ କୁଟୁରାପାଲି ଭି.ଏସ୍.ଏସ୍ ମେମ୍ବରମାନେ ଯୋଗଦାନ କରିଥିଲେ । କୋଇଲିଘୁଘର ଇ.ଡି.ସି ମେମ୍ବର ଏବଂ ଜୁଆନ୍‌ମୁଣ୍ଡା ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିକ୍ଷକ ଓ ସ୍ଥାନୀୟ ପ୍ରକୃତିପ୍ରେମୀଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ୍ ମୁକ୍ତ ଜୀବନ ଜୀଇଁବା ପାଇଁ ଶପଥ ପାଠ କରାଇଥିଲେ । ବେଲପାହାଡ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ହମିଦ୍ ମହାପାତ୍ର ପ୍ଲାଷ୍ଟିକ୍ ବିହୀନ ପ୍ରକୃତି, ପରିବେଶର ସୁରକ୍ଷା ଓ ପରିଚାଳନା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏକ ସାମୂହିକ ସଫେଇ କାର୍ଯ୍ୟକ୍ରମରେ ସମସ୍ତେ ଆଖପାଖ ଅଞ୍ଚଳର ପ୍ଲାଷ୍ଟିକ୍ ଗୁଡିକୁ ସଂଗ୍ରହ କରି ପରିବେଶ ସୁରକ୍ଷା ପ୍ରତି ସଚେତନ କରିଥିଲେ ।

### ବିଦ୍ୟୁତ ଆଘାତରେ ଜଣେ ଗୁରୁତର

## ବଞ୍ଚାଇବାକୁ ଯାଇ ପ୍ରାଣ ହରାଇଲେ ସାଥୀ ଶ୍ରମିକ

**ଦେବଗଡ଼,୩।୩(ସମିସ):** ଦେବଗଡ଼ ପୌରାଞ୍ଚଳ ଅନ୍ତର୍ଗତ ପଲଟନଗୁଡା ନିକଟରେ ଜଣେ ବ୍ୟକ୍ତିଙ୍କ ଘରେ ଏକ ମାଲ୍ ବୋଝେଇ ଟ୍ରକରୁ ସାମଗ୍ରୀ ଓହ୍ଲାଉଥିବାବେଳେ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିବା ଜଣେ ଶ୍ରମିକଙ୍କୁ ବଞ୍ଚାଇବାକୁ ଯାଇ ଅନ୍ୟ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି । ରଞ୍ଜନ ନନ୍ଦଙ୍କ ଘରେ ଏକ ଟ୍ରକରୁ କିଛି ସାମଗ୍ରୀ ଓହ୍ଲାଇବା କାର୍ଯ୍ୟରେ ୯ ନମ୍ବର ୱାର୍ଡର ଟୁନା ପୂର୍ତ୍ତି, ଉଦୟ ହେନେଜ ଓ ଅନ୍ୟ ଜଣେ ଶ୍ରମିକ ନିୟୋଜିତ ଥିଲେ । ଟ୍ରକ ଉପର ଦେଇ ଯାଇଥିବା ଜୀବନ୍ତ ବିଦ୍ୟୁତ ତାର ସଂସ୍ପର୍ଶରେ ଉଦୟ ହେନେଜ ଆସିବାରୁ ଏହା ଦେଖି ଟୁନା ପୂର୍ତ୍ତି ତଳୁ ଥାଇ ଉଦୟଙ୍କ ଗୋଡ଼ ଟାଣି ବଞ୍ଚାଇବାକୁ ଉଦ୍ୟମ କରିଥିଲେ । ମାତ୍ର ଖାଲି ପାଦରେ ମାଟି ଉପରେ ଛିଡା ହୋଇଥିବା କାରଣରୁ ଟୁନା ଶରୀରରେ ଜୋରଦାର



ବିଦ୍ୟୁତ ପ୍ରବାହ ହେବା କାରଣରୁ ଘଟଣାସ୍ଥଳରେ ଟୁନା ଅଚେତ ହୋଇ ତାଳେ ପଡିଯାଇଥିଲେ । ଏହା ଦେଖି ଗୃହକର୍ତ୍ତା ଓ ଆଖପାଖର ଲୋକେ ଟୁନା ଓ ଉଦୟଙ୍କୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ଟୁନାଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ଉଦୟଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଦେବଗଡ ଥାନା ପୁଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ମାମଲା ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ସ୍ଥାନୀୟ ନେତୃତ୍ୱ ଦାବି

**ବ୍ରଜରାଜନଗର, ୩।୩ (ସମିସ):** ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗାନ୍ଧୀ ଛକସ୍ଥିତ ହୋଟେଲ ଶୈଳବାଳା ଇନ୍ ରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସ୍ଥାନୀୟ ନେତୃତ୍ୱକୁ ବିଭିନ୍ନ ରାଜନୈତିକ ଦଳ ଉପେକ୍ଷିତ




ନକରି ଆଗାମୀ ସାଧାରଣ ନିର୍ବାଚନରେ ପ୍ରାର୍ଥୀ ଚୟନ କରିବା ପାଇଁ ଦାବି କରାଯାଇଛି । ମୂଳ ବାସିନ୍ଦାଙ୍କୁ ନେତୃତ୍ୱ ନେବାକୁ ଦଳମାନେ ସୁଯୋଗ ଦେବାକୁ ବିଭିନ୍ନ ରାଜନୈତିକ ଦଳର ଦଳପତିଙ୍କୁ ମଞ୍ଚ ତରଫରୁ ଅନୁରୋଧ କରାଯାଇଛି । ସାମ୍ବାଦିକଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ମଞ୍ଚର କାର୍ଯ୍ୟକର୍ତ୍ତାମାନେ କହିଛନ୍ତି ଯେ ଯେଉଁ ଦଳ ସ୍ଥାନୀୟ ମୂଳ ବାସିନ୍ଦାମାନଙ୍କୁ ନେତୃତ୍ୱ ନେବାକୁ ସୁଯୋଗ ଦେବ ସଚେତନ ନାଗରିକ ମଞ୍ଚ ଆସନ୍ତା ନିର୍ବାଚନରେ ପୂର୍ଣ୍ଣ ସମର୍ଥନ ଜଣାଇ ସେହି ଦଳ ସହ ନିର୍ବାଚନ ଲଢିବ ବୋଲି ପ୍ରକାଶ କରିଛନ୍ତି । ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ବାହାରୁ ଆମଦାନୀ ନେତାଙ୍କୁ ନେତୃତ୍ୱ ନେବାକୁ ସୁଯୋଗ ଦେବୁ ନାହିଁ ବୋଲି ମଧ କହିଛନ୍ତି । ଝାରସୁଗୁଡ଼ା ବାଇପାସ୍ ଠାରେ ଥିବା ପ୍ରସନ୍ନ ପଣ୍ଡା ଛକଠାରୁ ଓଡିଶା ସୀମାନ୍ତ କନକତୁରା ପର୍ଯ୍ୟନ୍ତ ୪ ଲେନ ବିଶିଷ୍ଟ ରାସ୍ତା ନିର୍ମାଣ, ଝାରସୁଗୁଡ଼ା ବ୍ରଜରାଜନଗର ରାସ୍ତାର ଇବ୍ ନଦୀ ଉପରେ ଅନ୍ୟ ଏକ ବ୍ରିଜ ନିର୍ମାଣ, ଜମେରା ଓ ଓରିଏଣ୍ଟ କାଗଜ କଳ ମଧ୍ୟରେ ଇବ୍ ନଦୀ ଉପରେ ଅର୍ଦ୍ଧନିର୍ମିତ ବ୍ରିଜ କାମ ତୁରନ୍ତ ଶେଷ କରିବା, ଶିକ୍ଷା ସ୍ୱାସ୍ଥ୍ୟ ଓ ସ୍ଥାନୀୟ ନିଯୁକ୍ତିର ସମସ୍ୟା ସମାଧାନ, ଜିଲ୍ଲା ଖଣିଜ ପାଣ୍ଠି ଓ ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ସିଂହ ଭାଗ ଅର୍ଥ ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ପ୍ରଦାନ କରିବା, ବ୍ରଜରାଜନଗର ପୌର ପରିଷଦରେ ହେଉଥିବା ଦୁର୍ନୀତି ପ୍ରସଙ୍ଗ, ସର୍ବବୃହତ ଲଖନପୁର ବ୍ଲକକୁ ଉପଖଣ୍ଡ ମାନ୍ୟତା ଓ ଡିଗ୍ରୀ କଲେଜ ସ୍ଥାପନ, ବିଶେଷଜ୍ଞ ଡ଼ାକ୍ତର ନିଯୁକ୍ତି ଦେଇ ଉନ୍ନତ ମାନର ଡାକ୍ତରଖାନା ନିର୍ମାଣ, ଏହି ନିର୍ବାଚନମଣ୍ଡଳୀରେ ସରକାରୀ କଲେଜ ସ୍ଥାପନ, ସରକାର ଙ୍କ ପକ୍ଷରୁ କୃଷି ଓ କୃଷକଙ୍କୁ ପ୍ରୋତ୍ସାହନ, ସ୍ଥାନୀୟ ମହାନଦୀ କୋଇଲା କଂପାନୀ ଦ୍ୱାରା ବେକାର ଯୁବକଯୁବତୀଙ୍କୁ ତାଲିମ୍ ପ୍ରଦାନ ଓ ନିଯୁକ୍ତି ସୁବିଧା ଇତ୍ୟାଦିକୁ ସ୍ଥାନୀୟ ମୂଳବାସିନ୍ଦା ନେତୃତ୍ୱ ମାଧ୍ୟମରେ ସମାଧାନ ହୋଇପାରିବ ବୋଲି ମଞ୍ଚର ସଦସ୍ୟମାନେ ପ୍ରକାଶ କରିଛନ୍ତି । ସମାଜସେବୀ ତଥା ହୀରାକୁଦ ବିସ୍ଥାପିତ କମିଟିର ଆବାହକ ବିରଞ୍ଚି ସାହୁ, ଅବସରପ୍ରାପ୍ତ ଶିକ୍ଷକ ତଥା ସାମାଜିକ କର୍ମୀ ଗୋପୀନାଥ ବେହେରା, ବରିଷ୍ଠ ଶିକ୍ଷାବିତ ପ୍ରାଣଶଙ୍କର ମହାପାତ୍ର, ହୀରାକୁଦ ବିସ୍ଥାପିତ କମିଟିର ସାଧାରଣ ସମ୍ପାଦକ ଗୋପୀନାଥ ମାଝୀ, ଯୁବ ସମାଜସେବୀ ସୁପ୍ରିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ହୀରାକୁଦ ବିସ୍ଥାପିତଙ୍କୁ ଜମିପଟ୍ଟା ପ୍ରଦାନ

**ଲଖନପୁର, ୩।୩(ସମିସ):** ଲଖନପୁର ତହସିଲ ଅନ୍ତର୍ଗତ କୁମ୍ଭାରବନ୍ଧ ଗ୍ରାମପଞ୍ଚାୟତର ଭଟଲିରେ ୯୬, ତିଲିଆ ଗ୍ରାମପଞ୍ଚାୟତର ବରଙ୍ଗାମାଲରେ ୧୨୦ ଏବଂ ପଣ୍ଡରି ଗ୍ରାମପଞ୍ଚାୟତର ବଲଣ୍ଡାରେ ୩୦୭ ହିତାଧିକାରୀଙ୍କୁ ହିରାକୁଦ ବିସ୍ଥାପିତ ପରିବାରକୁ ଜମିପଟ୍ଟା ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ମୁଖ୍ୟଅତିଥି, ଲଖନପୁର ବ୍ଲକ ଅଧକ୍ଷା ହୁତେଶ୍ୱରୀ ତିହିରିଆ, ତହସିଲଦାର ସଦାକର କୁମ୍ଭାର, କୁମ୍ଭାରବନ୍ଧ ସରପଞ୍ଚ କମଳ ଲୋଚନ ବିଶ୍ୱାଳ, ସମିତିସଭ୍ୟ ରମାକାନ୍ତ ମିର୍ଦ୍ଧା, ତିଲିଆ ସରପଞ୍ଚ ପୁଷ୍ପାଞ୍ଜଳି ପ୍ରଧାନ, ପଣ୍ଡରି ସରପଞ୍ଚ ସୁବାସିନୀ ସାହୁ, ହେମନ୍ତ ପ୍ରଧାନ, କିଶୋର କିଶାନ, ଗୌରାଙ୍ଗ ସାହୁ ତଥା ତହସିଲର ପ୍ରମୁଖ କର୍ମଚାରୀ ଯୋଗ ଦେଇଥିଲେ ।



# କର୍ପୋରେଟ୍‌ସ୍ତରୀୟ ବ୍ୟାଡ଼୍‌ମିଣ୍ଟନ: ଓଏସ୍‌ଏପି ଚାମ୍ପିଅନ୍

ଝାରସୁଗୁଡ଼ା,୩।୩(ସମିସ)

ବେଲପାହାଡ଼ ସହରସ୍ଥିତ ଟିଆରଏଲ୍ କ୍ରୋସାକି କମ୍ପାନୀ ପକ୍ଷରୁ କର୍ମଚାରୀ କ୍ଲବର ବ୍ୟାଡ୍‌ମିଣ୍ଟନ ହଲ୍‌ଠାରେ ଏକ କର୍ପୋରେଟ୍‌ସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ଏମସିଏଲର ବ୍ରଜରାଜନଗର ଇବ୍ ଭେଲି, ଲଖନପୁର ଖଣି କ୍ଷେତ୍ର, ଓଏସ୍‌ଏପି ସେକେଣ୍ଡ ବଟାଲିଆନ୍, ଏୟାରପୋର୍ଟ ଅଥୋରିଟି, ଓପିଜିସି ଇବ୍‌ଥର୍ମାଲ, ଟିଆରଏଲ କ୍ରୋସାକି, ବେଦାନ୍ତ ଆଲୁମିନା, ଜେଏସଡବ୍ଲୁ ବିପିଏସଏଲ, ଝାରସୁଗୁଡ଼ା ରେଳବାଇ, ଓସିପିଏଲ ଆଦି ୧୦ଟି କର୍ପୋରେଟ ଅନୁଷ୍ଠାନର ମୋଟ ୨୧ଟି ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ଝାରସୁଗୁଡ଼ା ଓଏସଏପି ସେକେଣ୍ଡ ବଟାଲିଆନ୍ ଦଳ ପକ୍ଷରୁ ଖେଳାଳି ନିମା ତମାଙ୍ଗ ସହ ସନ୍ତୋଷ ଖରାଲଓ ବେଦାନ୍ତ ଆଲୁମିନା ଦଳ ପକ୍ଷରୁ ଖେଳାଳି ବିଶ୍ୱଜିତ ସରକାର ସହ ଅଭିନାଶ ଏସ. ପ୍ରତିନିଧିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଏସଏପି ସେକେଣ୍ଡ ବଟାଲିଆନ୍ ଦଳ ବିଜୟୀ ହୋଇ ଚାମ୍ପିଅନ୍ ଟ୍ରଫି ହାସଲ କରିଥିଲା । ଶ୍ରେଷ୍ଠ ଖେଳାଳି ଭାବେ ଦୀନେଶ ନାଏକ ଓ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ଓଏସଏପି ସେକେଣ୍ଡ ବଟାଲିଆନ୍ ଦଳ ପୁରସ୍କୃତ ହୋଇଥିଲେ । ରେଫରୀ ଭାବେ ଦିଲୀପ ନାଏକ ଓ ପରାଗ ପ୍ରଧାନ ଖେଳଗୁଡ଼ିକୁ ପରିଚାଳନା କରିଥିଲେ । ଉଦ୍‌ଘାଟନୀ ଅବସରରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ବ୍ୟାଡ୍‌ମିଣ୍ଟନ ସଂଘର ସଭପତି ପ୍ରତାପ ବେହେରା, ସମ୍ମାନିତ ଅତିଥି ଭାବେ ସାଧାରଣ ସମ୍ପାଦକ ଶୁଭମ ଶର୍ମା ଯୋଗ ଦେଇଥିଲେ । ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଟିଆରଏଲ୍ କ୍ରୋସାକିର ବରିଷ୍ଠ ଅଧିକାରୀ ଡ. ତାରାପଦ ଦାଶ, ସମ୍ମାନିତ ଅତିଥି ଭାବେ ନିରଞ୍ଜନ ଦାଶ, ଶ୍ରମିକ ସଂଘର ସଭାପତି ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ । ଡ. ସନ୍ତୋଷ ମିଶ୍ର, ସ୍ମୃତିରଞ୍ଜନ ପ୍ରଧାନ, ଶକ୍ତି ମହାପାତ୍ର, ପ୍ରଫୁଲ୍ଲ ରଥ, ପୁଲକ ରଞ୍ଜନ ପଣ୍ଡା, ମନୋଜ ବିନ୍ଧାଣୀ, ସ୍ମୃତିରଞ୍ଜନ ପ୍ରଧାନ, ସୁଧାଂଶୁ ରାଉତ, ସଞ୍ଜୟ ଦୀକ୍ଷିତ, ଦୁଷ୍ମନ୍ତ ରାଉତ, ଅମିତ ମିଶ୍ରଙ୍କ ସମେତ ବେଲପାହାଡ଼ ଇଂଲିଶ ମିଡିୟମ୍ ସ୍କୁଲର କ୍ରୀଡ଼ା ଶିକ୍ଷକ ହମିଦ ମହାପାତ୍ର ଓ ସ୍ୱେଚ୍ଛାସେବୀ ଛାତ୍ର ସହଯୋଗ କରିଥିଲେ ।



